# ଭଏସ୍ ଅଫ୍ ଭିକ୍ଟିମ୍ସ
# Voice of Victims

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ: ୩, ସଂଖ୍ୟା: ୧, ଭୁବନେଶ୍ୱର, ନଭେମ୍ବର ୨୪- ନଭେମ୍ବର ୩୦, ୨୦୨୫, Vol: 3, Issue: 1, Bhubaneswar, November 24- November 30, 2025 Pages- 8


## ଗୃହଭେଦୀ ବିଭୀଷଣ


# ଥିଲେ-ଅଛନ୍ତି-ରହିବେ

**ବିମଳ ଅଗ୍ରୱାଲ**

ନିର୍ବାଚନରେ ବିଜୟ ଯଦି ଶ୍ରେଷ୍ଠତ୍ୱର ପ୍ରତୀକ ତେବେ ନବୀନ ପଟ୍ଟନାୟକ ଓଡ଼ିଶା ରାଜନୀତିର ସର୍ବଶ୍ରେଷ୍ଠ ରାଜନୀତିଜ୍ଞ । ଦଳ ସ୍ଥାପନାର ଦୀର୍ଘ ସତେଇଶ ବର୍ଷ ପର୍ଯ୍ୟନ୍ତ ଗୋଟିଏ ରାଜନୈତିକ ଦଳକୁ କ୍ରମାଗତ ଭାବେ ଜିତେଇ ଆଣିବା ଏକ ବିରଳ ଓ ଈର୍ଷଣୀୟ ଉପଲବ୍ଧି । ଷଷ୍ଠଥର ନିର୍ବାଚନରେ ସରକାର ହାରିଥିଲେ ମଧ୍ୟ ତାଙ୍କ ଦଳର ଭୋଟହାର ସରକାରୀ ଦଳର ଭୋଟ ସଂଖ୍ୟାଠାରୁ ଅଧିକ ରହିଛି । ତାଙ୍କର ଏହି ଦୀର୍ଘ ରାଜନୈତିକ ଯାତ୍ରାରେ ଅନେକ ଅନାମଧେୟ ନେତା ପ୍ରତିଷ୍ଠା ପାଇଛନ୍ତି ଏବଂ ଅନେକ ପ୍ରତିଷ୍ଠିତ ନେତା ପରିଚୟ ହରେଇଛନ୍ତି । କର୍ପୋରେଟ ପୃଷ୍ଠଭୂମିର ବୈଜୟନ୍ତ ପଣ୍ଡାଙ୍କ ବ୍ୟତୀତ ବିଜୁ ଜନତା ଦଳ ଛାଡ଼ି ଭାରତୀୟ ଜନତା ଦଳରେ ଯୋଗଦେଇ ଗତ ନିର୍ବାଚନରେ ସଫଳତା ପାଇଥିବା ବିଧାୟକ ଓ ସାଂସଦମାନେ ସେ ଦଳରେ ଏବେ କେତେ ସମ୍ମାନିତ ତାହା ସମସ୍ତେ ଦେଖୁଛନ୍ତି । ବର୍ତ୍ତମାନ ବିଜୁ ଜନତା ଦଳରେ ଥାଇ ଭାବେ ନବୀନବାବୁଙ୍କ ବିଫଳତାକୁ ଧିକ୍କାର କରୁଥିବା ନେତାମାନେ ପରୋକ୍ଷରେ ନିଜ ନିଜ ପାରିବାପଣିଆକୁ ହିଁ କେବଳ ପ୍ରଶ୍ନ କରୁଛନ୍ତି । ନବୀନବାବୁ କ'ଣ ସବୁଦିନ ତୁମ ହାତଧରି ଚଉକିରେ ବସେଇ ଦେଉଥାନ୍ତେ ? ଆଉ ତୁମେ ତାଙ୍କ ନାମରେ ମାମଲତି କରିଚାଲୁଥାନ୍ତ ? କାଲି ନବୀନବାବୁଙ୍କ ଚରଣ ବନ୍ଦନା କରୁଥିଲ ଆଜି ଆଉ କାହାର ଚାମର ସେବା କରୁଛ । ତୁମ ନିଜର ପୁରୁଷାର୍ଥ ବୋଲି କିଛି ନାହିଁ ।

ନେହେରୁଙ୍କ ସମୟରେ ଲୋକେ ପଚାରୁଥିଲେ After Nehru Who? ଇନ୍ଦୀରାଙ୍କ ସମୟରେ କୁହାଯାଉଥିଲା Indira is India. ଆଡଭାନୀ- ବାଜପେୟୀଙ୍କ ବ୍ୟତୀତ ଭାରତୀୟ ଜନତା ପାର୍ଟିର ଅସ୍ତିତ୍ୱ କଳ୍ପନା କରାଯାଇପାରୁ ନଥିଲା । ବିଜୁ ବାବୁ ଓ ଜାନକୀବାବୁଙ୍କୁ ଓଡ଼ିଶାର ବିକାଶ ପୁରୁଷ ବୋଲି କୁହାଯାଉଥିଲା । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଓଡିଶାରେ ଭାରତୀୟ ଜନତା ପାର୍ଟିର ପ୍ରତିନିଧି , ପ୍ରତିଶବ୍ଦ ଓ Poster Boy ଥିଲେ ଧର୍ମେନ୍ଦ୍ର ପ୍ରଧାନ । ଉପରୋକ୍ତ ସମସ୍ତେ ଏବେ ଆଲୋଚନାରେ ଅଣଦେଖା

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ...)*




# OBSCENITY IN SOCIAL MEDIA : A BURNING TOPIC OF THE DAY



Sanjaya Kumar Sahoo

Obscene videos on social media platforms are now a serious issue with severe psychological and social consequences. Obscene reels on social media have a detrimental impact on society, contributing to psychological harm, particularly among youth, and promoting a culture of quick fame and vulgarity. The content can lead to issues like increased anxiety, depression, and poor self-esteem, while also normalizing harmful or criminal behaviours. In the wake of TikTok's ban in India in 2020, Instagram Reels has emerged as the dominant platform for short-form video content, captivating millions with its creative potential. Young women, in particular, have embraced Reels to showcase their talents, from dance and fashion to lifestyle and comedy. However, a troubling trend has surfaced: an increasing number of influencers, particularly young women, are resorting to posting videos in minimal clothing or with suggestive themes to garner likes, views, and followers. This phenomenon, while boosting engagement metrics, raises serious concerns about the normalization of sexualized content and its impact on societal perceptions of relationships, especially among impressionable teenagers.

**Is it permissible in India ?:**

In our country the uploading of obscene videos, photos or messages on social media is strictly prohibited as it is a criminal offence. Sharing obscene videos on social media has severe legal implications, under the Information Technology (IT) Act, 2000, the Bharatiya Nyaya Sanhita (BNS), 2023, Indecent Representation of Women (Prohibition) Act, 1986and the Protection of Children from Sexual Offences (POCSO) Act, 2012. Penalties can include imprisonment and fine, with stricter penalties for repeat offenses and cases involving child pornography. Individuals, platforms and even those who create, publish or transmit such content face punishment, with the legal framework.

**Effect of obscene videos on social media platforms:**

- **Psychological and social harm:** The circulation of obscene content, especially when non-consensual, can cause severe psychological distress and social repercussions.
- **Victim-blaming:** Victims, especially women, often face victim-blaming attitudes and social isolation from peers.
- **Mental health impact:** Exposure and distribution of non-consensual images are associated with an increased risk of depression, anxiety, low self-esteem, shame, and suicidal ideation.
- **Violation of trust:** The non-consensual sharing of explicit images represents a profound violation of trust, which can permanently damage relationships.
- **Objectification and distorted sexuality:** Widespread obscene content on social media can perpetuate unrealistic and harmful sexual attitudes, such as the objectification of women and distorted views on consent.
- **Normalization of abuse:** For younger users, the ubiquity of sexually explicit material can normalize abusive behavior and lower the threshold for recognizing exploitation in real-world interactions.
- **Behavioural normalization:** Such content can normalize harmful or criminal acts, as young people may not grasp the severity of the actions portrayed in a reel.
- **Relationship strain:** Excessive use of social media, which includes binge-watching reels, can negatively impact real-life relationships, leading to feelings of isolation.
- **Focus and concentration issues:** Constant exposure to short, fast-paced content can affect an individual's ability to focus and concentrate.

**Legal framework and consequences**

**IT Act, 2000:** This is the primary law governing cybercrime.

- **Section 67:** Punishes the publication or transmission of obscene material in electronic form.
- **Section 67A:** Specifically addresses material with sexually explicit acts, leading to punishment.
- **Section 67B:** Deals with child pornography and carries stricter penalties those who publish, transmit, or possess such material.

**Bharatiya Nyaya Sanhita (BNS), 2023:** This legislation, which replaced the Indian Penal Code, has updated provisions for digital offenses.

- **Section 294** (formerly Section 292 of the IPC): Criminalizes the sale, distribution, and exhibition of obscene materials, including those in digital form.
- **Section 296** (formerly Section 294 of the IPC): deals with obscene acts or songs in a public place and prescribes punishment for the Crime.
- **Section 77 (Voyeurism)** (formerly Section 354C of the IPC): Punishes capturing or sharing images or videos of a woman in a private act, which can include being in a toilet, undressed, or engaging in a sexual act.
- **Section 351 (Criminal Intimidation)**(formerly Section 503,506 & 507 of the IPC): Punishes threats to injure a person, their reputation, or their property.
- **Section 356 (Criminal Defamation)** (formerly Section 499, 500, 501 & 502 of the IPC): Punishes making or publishing statements online that harm a person's reputation, including through videos.

**Other relevant laws:**

- **Indecent Representation of Women (Prohibition) Act, 1986:** Prohibits the publication or creation of any advertisement or publication that is indecent or depicts women in a derogatory manner.
- **Protection of Children from Sexual Offences (POCSO) Act:** Provides strict measures to protect children from sexual abuse and exploitation online.

**Role of social media platforms**

Social media platforms are categorized as intermediaries and were previously provided with "safe harbor" protection, shielding them from liability for user-generated content.

**Stricter rules:**

Under the Information Technology (Intermediary Liability and Digital Media Ethics Code) Rules, 2021, platforms are becoming more accountable for harmful or obscene content.

**Platform responsibility:**

Platforms are increasingly expected to proactively remove illegal content and may lose their safe harbor protection if they fail to act upon knowledge of obscene or harmful material being hosted on their sites.

**Role of Police** : In India, police have significant powers to combat obscene content on social media, primarily through the Information Technology (IT) Act, 2000 and the Bharatiya Nyaya Sanhita (Previously the Indian Penal Code). However, the investigation requires cooperation from social media companies and can be complicated by the borderless nature of the internet. The police have the power to take *suomoto* action against obscene videos on social media as publishing of obscene and sexually explicit material in electronic form is a cognizable offense under the law.

The police can exercise several powers to enforce these laws. The ability of the police to act on their own is derived from the following legal framework:

- **Investigative authority:** Under Section 78 of the IT Act, a police officer not below the rank of Inspector can investigate offenses committed under the Act.
- **Arrest and search:** The IT Act also gives police the power to enter, search, and arrest suspects involved in cybercrime.
- **Directing social media platforms:** The police can issue orders to social media companies and Internet Service Providers to assist in an investigation. This includes providing the IP address and user details associated with an offensive account.
- **Immediate takedown requests:** Police can compel social media intermediaries to remove specific content. Under the Information Technology (Intermediary Guidelines and Digital Media Ethics Code) Rules, 2021, platforms must act quickly on complaints, especially regarding content showing an individual in a sexual act or nudity.
- **Accessing the National Cyber Crime Reporting Portal:** The National Cyber Crime Reporting Portal (cybercrime.gov.in) allows citizens to file online complaints, which the concerned state or Union Territory police can then use to initiate an investigation.

**Citizen's role and how to file a complaint :** The public plays a crucial role by reporting instances of obscene content. They have to gather evidence, take screenshots and save the URLs of the offending posts along with the user's profile details and any other relevant information, report to the platform, file an online complaintand file a formal complaint (FIR) at local police station or with the Cyber Crime Cell.

**Conclusion :** Lack of clear legal guidelines on what constitutes ***"obscene"*** content in India complicates the issue. Social media platforms must adopt proactive measures, such as improved content moderation algorithms and stricter penalties for accounts that repeatedly violate guidelines. Additionally, the Government could introduce clear regulations defining acceptable content, balancing freedom of expression with the need to protect young users. Establishing a legal framework would empower platforms to remove objectionable content swiftly and deter influencers from chasing views through provocative means.With people of all ages having access to social media today, it is paramount to safeguard vulnerable audiences, especially children and teens. Exposure to inappropriate content can lead to psychological harm.

M.Sc., M.A, LL.M.
Director Legal Affairs,
S'O'A, DU, BBSR
Former District & Sessions Judge.
Ph: 9437148241/ 8270203063
E-Mail: sksahoo.judiciary@gmail.com

# ଆଜି ହିଁ ନିଶା ଛାଡ଼ନ୍ତୁ। ପରେ ଆପଣଙ୍କ ଶରୀର ଓ ମନ ଆପଣଙ୍କୁ ଧନ୍ୟବାଦ ଦେବ



ଡାକ୍ତର ସତ୍ୟବ୍ରତ ପାଣିଗ୍ରାହୀ

**ଆଜି ଆସନ୍ତୁ ଜାଣିବା ଆମର ଶରୀର ଉପରେ ନିଶାର ଭୟାନକ ପ୍ରଭାବ :**

କିଛି ମାସ ହେବ ଓଡ଼ିଶାରେ ଜଣେ ପରେ ଜଣେ ପ୍ରିୟ କଳାକାର ମଦ୍ୟ ଏବଂ ଅନ୍ୟ ନିଶାଦ୍ରବ୍ୟ ନେବା ଅଭ୍ୟାସରେ ଦେହକୁ ଧୀରେ ଧୀରେ ଖରାପ କରି ଅକାଳରେ ଜୀବନ ହାରିଲେ। ଲୋକେ ଦେଖିଥିଲେ କିପରି ଏତେ ସଫଳ, ପ୍ରଭାବଶାଳୀ, ପ୍ରତିଭାଶାଳୀ କଳାକାର ମାନେ ଶରୀରର ଭିତରୁ ଧ୍ୱଂସ ହୋଇଗଲେ। ସେ ସହରରେ ରୁହୁଥିଲେ- ସମସ୍ତ ସୁବିଧା, ଭଲ ଚିକିତ୍ସା, ଭଲ ପରିବେଶ; ତଥାପି ନିଶା ସେମାନଙ୍କର ସବୁକିଛି ନେଇଗଲା।

ଏହି ସବୁ ଘଟଣା ଏହି ପ୍ରମାଣ ଦିଏ ଯେ ନିଶା ଗାଁ କିମ୍ବା ସହର, ଗରିବ କିମ୍ବା ଧନୀ- ପାତରଅନ୍ତର କରେ ନାହିଁ, ଏହାର ପ୍ରଭାବ ସମସ୍ତଙ୍କ କ୍ଷେତ୍ରରେ ସମାନ ଭାବେ ଦେଖାଦିଏ । ମଦ, ଗଞ୍ଜେଇ, ଗୁଟ୍ଖା, ବ୍ରାଉନ ସୁଗାର - ଯେକୌଣସି ନିଶା ହେଉ, ଏହା ଶରୀରରେ ପ୍ରବେଶ କଲେ ଦେହ ଭିତରର ରକ୍ତ, କୋଷ, ଅଙ୍ଗ, ମନ - ସବୁକୁ ଦୀର୍ଘ ଅସନ୍ତୁଳନରେ ପକାଇଦିଏ। ଦେହ ପ୍ରଥମେ ସହିଥାଏ, ମନ ଶାନ୍ତ ରହେ, ଲୋକଙ୍କୁ ଲାଗେ "ମୋ କ୍ଷେତ୍ରରେ କିଛି ଅସୁବିଧା ହେଉନି।" କିନ୍ତୁ ଆସ୍ତେ ଆସ୍ତେ ଏକ ଅଦୃଶ୍ୟ ବିନାଶ ଆରମ୍ଭ ହୋଇଯାଏ।

ମଦ୍ୟ ରକ୍ତରେ ଯାଇ ପ୍ରଥମେ ଯକୃତକୁ ଆଘାତ କରେ, କାରଣ ରକ୍ତର ସମସ୍ତ ବିଷ ଯକୃତ ଦ୍ୱାରା ଫିଲ୍ଟର ହୁଏ। ତେଣୁ ଯକୃତ୍ ଏହି ବିଷକୁ ସହିସହି ଥକିଯାଏ। ପ୍ରଥମେ fatty liver ହୋଇଥାଏ, ପରେ hepatitis ଅର୍ଥାତ୍ ଯକୃତ୍ ଫୁଲିଯାଏ। ଏହି ଅବସ୍ଥା ବହୁଦିନ ଚାଲିଥିଲେ ଯକୃତ କଠୋର ହୋଇ ମସକ୍ଵକ୍ଷକ୍ଳସ୍ବସସ୍ବ ହୁଏ। ସେତେବେଳେ ପେଟ ପାଣିରେ ଭରିଯାଏ, ଶରୀରରେ ଲୌହର ଅଭାବ, ଶକ୍ତିର ଅଭାବ, ଖାଇପାରିବାର ଅସମର୍ଥତା ଦେଖାଯାଏ। ସବୁଠାରୁ ଭୟଙ୍କର ହେଉଛି, ଏହି ଅବସ୍ଥାରୁ ଫେରିବା ଅସମ୍ଭବ ହୋଇପଡେ। କିଡନୀ ମଧ୍ୟ ଏହି ନିଶାର ଭାର ସହିପାରେନାହିଁ। ମଦ ଦେହରୁ ପାଣିକୁ ଦ୍ରୁତ ଗତିରେ ବାହାରକୁ ନିଷ୍କାସିତ କରେଇ ଥାଏ । ଶରୀର ଶୁଖିଯାଏ, ରକ୍ତର ସନ୍ତୁଳନ ଭାଙ୍ଗିଯାଏ, ଏବଂ କିଡନୀର ଫିଲ୍ଟର ଶକ୍ତି ଅଳ୍ପ ପଡ଼ିଯାଏ। ଏହା ଦୀର୍ଘମିଆଦି ଚାଲିଲେ ବୃକକ୍ ଫୁଲିଯାଏ ଏବଂ ଶେଷରେ ବୃକକ୍ କାମ କରିବା ବନ୍ଦ କରିଦିଏ।

ଏହି ସମସ୍ତ ଅବସ୍ଥା ଗାଁ କିମ୍ବା ସହର - ସମସ୍ତ ପରିବାରକୁ ଆର୍ଥିକ ଏବଂ ମାନସିକ ଭାବରେ ଭାଙ୍ଗିଦେଇଥାଏ। ମଦ ପେଟ ଓ ଅନ୍ତନଳୀରେ ଦିନକୁ ଦିନ ଅମ୍ଳତା, ଗାଷ୍ଟ୍ରିକ୍, ଜ୍ୱଳନ, ଅପଚନ ସୃଷ୍ଟି କରେ। ମନେ ହୁଏ ପେଟ ସର୍ବଦା ଜଳାପୋଡା ହେଉଛି, ଭୋଜନ ଯଥାର୍ଥରେ ପଚେନାହିଁ। ଯକୃତ୍ ଧୀରେ ଧୀରେ ଖରାପ ହେଲେ ପେଟରେ ପାଣି ଜମି ଲୋକ ଚାଲିବା, ଶୋଇବା, ବସିବା କିଛି କରିପାରନ୍ତି ନାହିଁ। ଏହି ନିଶା ଦେହର ଅଗ୍ନିମାନ୍ଦ୍ୟକୁ ଏତେ ବଢ଼ାଇଦିଏ ଯେ ଅନେକ ଲୋକ ସରଳ ଖାଦ୍ୟ ମଧ୍ୟ ହଜମ କରି ପାରନ୍ତି ନାହିଁ ।

ମଦ ଏବଂ ଗଞ୍ଜେଇ ଫୁସଫୁସ୍‌ର ଅମ୍ଳଜାନ ଶୋଷଣ କ୍ଷମତାକୁ ହ୍ରାସ କରେ। କଫ ହୋଇଥାଏ। ସିଗରେଟ୍ + ମଦ + ଗଞ୍ଜେଇ ମିଶିଗଲେ ଫୁସଫୁସ୍ ଏତେ ଦୁର୍ବଳ ହୋଇଯାଏ ଯେ ଚଢିବା, ଚାଲିବା, ସିଡ଼ି ଚଢ଼ିବା ମଧ୍ୟ କଷ୍ଟ ହୋଇ ପଡେ। ଅକ୍ସିଜେନ୍ କମିଲେ ହୃଦୟ ଉପରେ ଏକ ଅତିରିକ୍ତ ଭାର ପଡ଼େ ଓ ହୃଦଘାତର ସମ୍ଭାବନା ବଢ଼ିଯାଏ।

ଗଳା ଉପରେ ଏହାର ପ୍ରଭାବ- କାଶ ଏବଂ ସ୍ୱର ଯନ୍ତ୍ର ଧୀରେ ଧୀରେ ନଷ୍ଟ ହୋଇ ସ୍ୱର ପରିବର୍ତ୍ତନ ହୁଏ । ଏହା ଯୋଗୁଁ କାନରେ ସମସ୍ୟା ମଧ୍ୟ ଦେଖାଦିଏ । ଅନ୍ତଃକର୍ଣ୍ଣର କୋଷଗୁଡ଼ିକୁ ମଦ ନଷ୍ଟ କରିଦିଏ, ଶୁଣିବା କମିଯାଏ, କାନରେ ମନକୁ ମନ ଘିଁଘିଁ ଶବ୍ଦ (ଟିନାଇଟସ୍) ଆରମ୍ଭ ହୁଏ। ଲୋକ ଦିନକୁ ଦିନ ଅସହଜ ହୋଇଯାନ୍ତି, ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା କଷ୍ଟକର ହୋଇପଡେ।

ଗଳାରେ ମଦ୍ୟ ଭୋକାଲ୍ କର୍ଡ (ସ୍ୱର ଯନ୍ତ୍ରରେ ଥିବା ଦୁଇ ତାର) କୁ ଶୁଖାଇଦିଏ। ସ୍ୱର ପରିବର୍ତ୍ତନ, କର୍କଶ ହୋଇଯାଏ। ଧୀରେ ଧୀରେ ସ୍ୱରଯନ୍ତ୍ର କୋଷରେ ଘା, ପଲିପ୍, ନୋଡ୍ୟୁଲ୍ ହୋଇ ସ୍ୱର ବିକୃତ ହୋଇଯାଏ।

ଏ ସବୁଠାରୁ ଅଧିକ ପ୍ରଭାବ ମନ ଉପରେ ପଡ଼େ। ମଦ୍ୟ ଓ ଗଞ୍ଜେଇ ମନର ସ୍ଥିରତାକୁ ଭାଙ୍ଗି ଦିଏ । ନିଦ୍ରା ଭଲ ହୁଏନାହିଁ, ଭୟ ଓ ଆତଙ୍କ ବଢ଼େ, ମନେ ହୁଏ କାହାର ସହ ରହିବାକୁ ଇଚ୍ଛା ନାହିଁ। ଅନେକ ଲୋକ depressionରେ ପଡ଼ନ୍ତି ଏବଂ କେତେକ ଲୋକ ଜୀବନକୁ ନେଇ ଅତ୍ୟନ୍ତ ଜଟିଳ ଭାବନା ରେ ପଡିଯାନ୍ତି। ନିଶା କେବଳ ଶରୀରକୁ ନୁହେଁ, ନିଶା କେବଳ ମନକୁ ନୁହେଁ, ନିଶା ପରିବାରକୁ, ସମ୍ପର୍କକୁ, ଜୀବନକୁ, ଭବିଷ୍ୟତକୁ ଭାଙ୍ଗିଦିଏ।

ଚିକିତ୍ସା ସହ ନିଜର ଦୃଢ଼ ମନୋବଳ ଆପଣଙ୍କୁ ନିଶା କବଳରୁ ମୁକ୍ତ ହେବା ପାଇଁ ସହଯୋଗ କରେ ଇଲେକ୍ଟ୍ରୋହୋମିଓପାଥି, ମନୋବିଜ୍ଞାନ ଚିକିତ୍ସା ସହିତ ଆହାର-ପାନୀୟ ସଠିକ୍ ବ୍ୟବସ୍ଥା-ଏକ ମିଶ୍ର ଉପଚାର-ଦେହକୁ detox କରି ନିଶାଠାରୁ ମୁକ୍ତ କରିପାରେ। ନିଶା ଛାଡ଼ିବା ପରର ପ୍ରଭାବ ଏବଂ ସମସ୍ୟାକୁ ହ୍ରାସ କରେ ଯଥା ଚଞ୍ଚଳ ମନ ଓ ମାନସିକ ଚାପକୁ କମାଇ, ଦିନର ଏକ ନିର୍ଦ୍ଦିଷ୍ଟ ସମୟରେ ଅତର୍କିତ ଭାବେ ହେଉଥିବା ନିଶା ପ୍ରତି ଇଚ୍ଛାକୁ କମାଇ ନିଶା ଛାଡ଼ିବା ପ୍ରକ୍ରିୟାକୁ ସହଜ କରେ।

ସଠିକ୍ ସମୟରେ ନିଶା ଛାଡ଼ିଲେ ଏକ ଭଲ ପରିଣାମ ହୁଏ-ଜୀବନ ବଞ୍ଚିଯାଏ।

ସମସ୍ତେ ଆଜି ହିଁ ଏକ ସଙ୍କଳ୍ପ କରନ୍ତୁ- ନିଶା ନୁହେଁ, ସ୍ୱାସ୍ଥ୍ୟ ହିଁ ପ୍ରଥମ।

(ମତାମତ ଲେଖକଙ୍କ ନିଜସ୍ୱ)


୩ୟ ପୃଷ୍ଠାର ଅବଶିଷ୍ଟାଂଶ...

ହେଲେଣି। ଚଉକି ନାହିଁ ତ ଚର୍ଚ୍ଚା ନାହିଁ କି ଚେଲାଚାମୁଣ୍ଡା ନାହାଁନ୍ତି । ସମୟକ୍ରମେ ସମସ୍ତ ଶିଖର ପୁରୁଷ ସ୍ମରଣାତୀତ ହେବେ ଏଥିରେ ଦ୍ୱିମତ କି ସନ୍ଦେହ ନାହିଁ। ନବୀନ ବାବୁଙ୍କ ସମୟକୁ ଓଡ଼ିଶା ଶାସନର ସୁବର୍ଣ୍ଣ ଅଧ୍ୟାୟ ବୋଲି ମୁଁ କହୁନାହିଁ କିମ୍ବା ତାଙ୍କ ସିଂହାସନ ପଛର ଷଡ଼ଯନ୍ତ୍ରକୁ ଗୌରବାନ୍ୱିତ କରୁନାହିଁ। କିନ୍ତୁ ଦୋହରାଇବା ଉଚିତ୍ ମଣୁଛି କି ନିର୍ବାଚନ ଜିତିବା ଯଦି ଆଜି ଦିନରେ ରାଜନୈତିକ ସଫଳତାର ଏକମାତ୍ର ମାନଦଣ୍ଡ ତେବେ ନବୀନବାବୁ ଏକ ଆଦର୍ଶ ମାନକ ହେବା ନିଶ୍ଚୟ। ରାଜନୈତିକ ଶବ୍ଦାବଳୀ ଓ ଶିଷ୍ଟାଚାର ଯେତେବେଳେ ନିମ୍ନତମ ସେତେବେଳେ ତାଙ୍କ ସ୍ୱଳ୍ପ କଥା ଓ ସଭ୍ୟ ବ୍ୟବହାର ଓଡ଼ିଶାର ଜଗନ୍ନାଥ ଧାମ ପରିଚୟକୁ ପ୍ରତିଷ୍ଠିତ କରିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋଙ୍କ ଠାରୁ ଆରମ୍ଭ କରି ପୂର୍ବତନ ବିରୋଧୀ ଦଳ ନେତା ଭୁପିନ୍ଦର ସିଂହ, କଂଗ୍ରେସ ଦଳ ଯୁବ ସମ୍ମୁଖ୍ୟ ନେତା ପ୍ରଦୀପ ମାଝୀ, କର୍ପୋରେଟ୍ ଲବି ଥିବା ଟାଣୁଆ ସାଂସଦ ବୈଜୟନ୍ତ ପଣ୍ଡା, ସାଂସଦ ରନ୍ ହେଇଥିବା ଭର୍ତ୍ତୃହରି ମହତାବ, ଦଳ ବଦଳରେ ରେକର୍ଡ କରିଥିବା ବୁଦ୍ଧିଜୀବୀ ସୌମ୍ୟ ରଂଜନ ପଟ୍ଟନାୟକ ଏବଂ ବର୍ତ୍ତମାନର ଚର୍ଚ୍ଚିତ ଜୟ ଢୋଲକିଆଙ୍କ ଭଳି ଅନେକ ପରାଙ୍ଗପୁଷ୍ଟ ନାମଜାଦା ଲୋକେ ନାମ କମେଇବା ଲୋଭରେ ନାଁ ପକେଇଛନ୍ତି। ଆମ ଦେଶରେ ଏମାନଙ୍କୁ 'ଗୃହଭେଦୀ ବିଭୀଷଣ' ବୋଲି କୁହାଯାଇ ନିମ୍ନଚକ୍ଷୁରେ ଦେଖାଯାଏ। ଆମ ସଂସ୍କୃତିରେ ବିଭୀଷଣମାନଙ୍କୁ ପୂଜା କରାଯାଏ ନାହିଁ, କିନ୍ତୁ ଭରତ ଓ ଶତୃଘ୍ନଙ୍କ ନାମ ଅତି ଶ୍ରଦ୍ଧା ଓ ସମ୍ମାନର ସହ ନିଆଯାଏ। ନିଜ ପିତାଙ୍କ ଦ୍ୱାରା ତାଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ବିରୋଧ କରି ସେ ବନବାସ ଟାଳିପାରିଥାନ୍ତେ ଓ ଭରତଙ୍କଠାରୁ ରାଜ୍ୟ ସିଂହାସନ ଛଡ଼େଇ ଆଣିପାରିଥନ୍ତେ। ପରାସ୍ତ ଏବଂ ପତିତ ରାବଣଠାରୁ ରାଜନୀତି ଶିଖିବା ପାଇଁ ଲକ୍ଷ୍ମଣଙ୍କୁ ରାବଣ ପାଖକୁ ପଠେଇ ନଥାନ୍ତେ। ଦଶରଥଙ୍କ ବଂଶଜ ବୋଲି ନୁହେଁ ନିଜର ପ୍ରତିଭା ଓ ପୁରୁଷାର୍ଥ ରାମଚନ୍ଦ୍ରଙ୍କୁ ପୁରୁଷୋତ୍ତମ ଭାବେ ପ୍ରତିଷ୍ଠା ଦେଇଥିଲା। ସମାଲୋଚନା ସଭ୍ୟ ଭାଷାରେ ମଧ୍ୟ ହୋଇପାରିବ।

ଯଦୁମଣି, ବିରବଲ୍ଲ ଓ ନିଆଖୁଣ୍ଟାର ଉଦାହରଣ ଆମ ଆଗରେ ଅନେକ। ଆଜି ସମାଜରେ ରାଜନେତାମାନଙ୍କ ପ୍ରତି ସାଧାରଣ ଲୋକଙ୍କ ଧାରଣା କିପରି ନକାରାତ୍ମକ ତାହା କହିବାର ଆବଶ୍ୟକତା ନାହିଁ। "Politics is the Last Resort of Scoundrels" ଅବା 'ଦଶ ଶ୍ରୋତ୍ରୀୟ ସମ ରାଜା' ମଧ୍ୟରୁ ଆପଣମାନେ କେଉଁ ଶ୍ରେଣୀରେ ରହିବାକୁ ଚାହାନ୍ତି ତାହା ମାନନୀୟମାନଙ୍କ ଆଚରଣ ଓ ଉଚ୍ଚାରଣ ସ୍ଥିର କରିଥାଏ। ଆଲୋ ସଖି, ଆପଣା ମହତ ଆପେ ରଖି, ଚୁପ୍ ବସିବାକୁ ପଡିବ; କାରଣ ରାଜନୀତିରେ ଗୃହଭେଦୀ ବିଭୀଷଣମାନେ ଥିଲେ, ଅଛନ୍ତି ଓ ରହିବେ।










## ସଂପାଦକୀୟ

# ସ୍ୱନକ୍ଷତ୍ର ସଂକଳ୍ପ

ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସର୍ବଦା ଧନ୍ଦି ହେଉଥିବା ମଣିଷ ହିସାବରେ ଏତିକି କହିବି ଯେ ଲେଖାଲେଖି ଇତ୍ୟାଦିରେ ମୁଁ ଟିକେ ଦୁର୍ବଳ। ହଁ ମନର ଭାବନା କିନ୍ତୁ ପ୍ରକାଶ କରିଦିଏ। ଶବ୍ଦ ସଂଯୋଜନା ଓ ସୁଖପାଠ ଆଲେଖ୍ୟ ସଜାଡ଼ି ଲେଖିବା ଅଭ୍ୟାସ ମୋର ନାହିଁ, କିନ୍ତୁ ସାହାସ ବାନ୍ଧି କିଛି ସ୍ମୃତି-ଅନୁଭୂତି ସହିତ ବର୍ତ୍ତମାନ ସମୟର ସ୍ଥିତିକୁ ତୁଳନା କରି ସର୍ବଦା କିଛି ଲେଖିବାର ଅଭିପ୍ରାୟ ରଖିଥାଏ। ଦୁର୍ନୀତି ଓ ଲାଞ୍ଚ କାରବାର ଦ୍ୱାରା ପୀଡିତ-ପୀଡ଼ିତାମାନଙ୍କୁ ଆମର ଅନୁଷ୍ଠାନ ଯଥା ସମ୍ଭବ ସହଯୋଗର ହାତ ବଢ଼ାଉଥିବା ବେଳେ ନିକଟରେ ବେଙ୍ଗାଲୁର'ର ଏକ ଘଟଣାରୁ ଏହା ସ୍ପଷ୍ଟ ଅନୁମେୟ ହେଲା, ଏବେ ବି ଦୁର୍ନୀତି ନାମକ ରାକ୍ଷସଟି ଯେମିତି ଆମର ଅସ୍ଥିମଜ୍ଜା ଭିତରେ ରହି ଯାଇଛି। ସେହି ଘଟଣା ସହିତ ମୋର ନିଜସ୍ୱ ଅନୁଭୂତିକୁ ପାଠକଙ୍କ ସମ୍ମୁଖରେ ରଖିବାକୁ ଇଚ୍ଛା ପ୍ରକାଶ କରି ନିଷ୍ପତ୍ତି ଆପଣମାନଙ୍କ ଉପରେ ଛାଡ଼ି ଦେଉଛି।

ଏଇ କିଛି ଦିନ ତଳେ ଆଇ.ଆଇ.ଏମ୍ ଅହମ୍ମଦାବାଦରୁ ପାସ କରିବା ପରେ ଭଲ ଚାକିରି କରିଥିବା ଉଚ୍ଚ ଶିକ୍ଷିତା ଝିଅଟିର ମୃତ୍ୟୁ ଘଟିଲା। ବାପା ବି.ପି.ସି.ଏଲ'ର ପୂର୍ବତନ ସି.ଏଫ୍.ଓ ଶିବ କୁମାର କେ. ଅଭିଯୋଗ କଲେ ବେଙ୍ଗାଲୁର'ରେ ତାଙ୍କୁ ଆମ୍ବୁଲାନ୍ସଠାରୁ ଆରମ୍ଭ କରି ପୋଲିସ୍ ଏଫ୍.ଆଇ.ଆର, ପୋଷ୍ଟମର୍ଟମ୍ ରିପୋର୍ଟ ଏପରିକି ଶେଷରେ ଶବଦାହ ସ୍ଥାନ ମଶାଣିରେ ବି ଲାଞ୍ଚ ଦେବାକୁ ପଡ଼ିଥିଲା। ଅକ୍ଟୋବର ୩୦ ତାରିଖରେ ତାଙ୍କର ସୋସିଆଲ ମିଡିଆ ପୋଷ୍ଟ ପରେ ଜଣେ ଏସ.ଆଇ ଓ କନେଷ୍ଟବଲ'ଙ୍କୁ ସରକାର ତୁରନ୍ତ ନିଲମ୍ବନ କଲେ। ଶିବ କୁମାର ପ୍ରଶ୍ନ କରିଥିଲେ : ଦୁର୍ନୀତି ଆଗରେ ଗରିବ ଲୋକଟିଏ କ'ଣ ବା କରିପାରିବ ? ଏହି ଗୋଟିଏ ଧାଡ଼ିର ପ୍ରଶ୍ନ ହିଁ ଯଥେଷ୍ଟ। ଯଦି ତାଙ୍କ ଭଳି ଜାଣିବା ଶୁଣିବା, ଉଚ୍ଚ ଶିକ୍ଷିତ ପୂର୍ବତନ ଅଧିକାରୀ ଜଣକ ନିଜ ଝିଅର ଚିକିତ୍ସା, ମୃତ୍ୟୁ ଓ ଶବଦାହ ସମୟରେ ଲାଞ୍ଚ ଦେବା ପାଇଁ ବାଧ୍ୟ ହେଉଛି ତେବେ ସାଧାରଣ ଲୋକଟିର ଅବସ୍ଥା କ'ଣ ହେଉଥିବ ?

### ସଚ୍ଚୋଟତା ଓ ଦୁର୍ନୀତି

ଏବେ ମୋର କିଛି ଦିନ ତଳର ଅନୁଭୂତି ବିଷୟରେ ଜାଣିବା। ମୋର ଛୋଟିଆ ଆଲେଖ୍ୟ ସବୁ ପଢୁଥିବା ଜଣେ ବନ୍ଧୁ ତଥା ଶୁଭଚିନ୍ତକ ଯିଏକି ସରକାରଙ୍କର ଜଣେ ପଦସ୍ଥ ଅଧିକାରୀ ଗତକାଲି ଫୋନ କରି କହିଲେ 'ଆମ ସରକାରୀ ଚାକିରିରେ ଉଚ୍ଚପଦସ୍ଥ ଅଧିକାରୀମାନେ କାହିଁକି ଦୁର୍ନୀତିଖୋର' ସେ ବିଷୟରେ କିଛି ଲେଖନ୍ତୁ। ତାଙ୍କଠୁ ଶୁଣିବା ପରେ ଚିନ୍ତା କରିଥିଲି କୋଉଠୁ ମୁଁ କେମିତି ଲେଖାଟି ଆରମ୍ଭ କରିବି ? ଦୁର୍ନୀତିର ସଂଜ୍ଞା କ'ଣ ? କ'ଣ କେବଳ ସରକାରୀ ଚାକିରିଆମାନେ ଦୁର୍ନୀତି କରୁଛନ୍ତି ? ଏଭଳି ଅନେକ ପ୍ରଶ୍ନ ମନକୁ ବ୍ୟସ୍ତ ବିବ୍ରତ କରିଦେଲା। ସେଇ ଚିନ୍ତା ଭିତରେ ଥିବାବେଳେ ଆଉ ଦୁଇଟି ଫୋନ କଲ ମତେ, ଆଇନ ପରାମର୍ଶ ବୃତ୍ତିରେ ଥିବା ଦୁର୍ନୀତି ବିଷୟରେ ଲେଖିବା ପାଇଁ କିଛି ଖୋରାକ ଯୋଗାଇ ଦେଲା। ସେ ଦୁଇଟି ଫୋନ କଲର ସାରାଂଶ କେବଳ ମୁଁ ଏଠାରେ କହିଦେବାକୁ ଚାହୁଁଛି। ପ୍ରଥମ ଫୋନ କଲ୍‌ଟି ଥିଲା ଓକିଲାତି ପେସାର ମୋର ମାର୍ଗଦର୍ଶକ ମୋ ସାନଭାଇର। ସେ ମୋତେ ଜଣାଇଦେଲା କି ଆମ ପାଖକୁ ଗତକାଲି ଆସିଥିବା ମହକିଲକୁ ଆମର ଅନ୍ୟ ଜଣେ ଓକିଲ ବନ୍ଧୁ ଆମେ ଦେଇଥିବା ସମସ୍ତ ପରାମର୍ଶକୁ ଭୁଲ ବୋଲି କହି ତାଙ୍କୁ ନିଜ ଆଡକୁ ଆକର୍ଷିତ କରାଇ ନେବାରେ ସଫଳ ହୋଇଛନ୍ତି। ଦ୍ୱିତୀୟ ଫୋନ କଲ୍‌ଟି ଥିଲା ସୁଦୂର ଆମେରିକାରୁ ମୋର ଆଉ ଜଣେ ସମ୍ପର୍କୀୟ ସାନଭାଇ ଠାରୁ। କଥାବାର୍ତ୍ତା ଭିତରେ ମୋ ମନ ଭିତରେ ସକାଳୁ ଚାଲିଥିବା ସଦ୍ୟତମ କ୍ଷୋଭଟିକୁ ତାକୁ ଜଣାଇଥିଲି। ଯେ କେମିତି ମହକିଲଙ୍କୁ ଏକଦମ୍ ମିଛ କଥା କହି ଆମରି ଜଣେ ଆଇନଜୀବୀ ବନ୍ଧୁ ନିଜର ବୃତ୍ତିକୁ ଚଳାଇବାକୁ ଚାହୁଁଛନ୍ତି। ମୋ କଥା ଶୁଣିବା ପରେ ସେ ଆମେରିକାର ଆଇନଜୀବୀମାନଙ୍କର ପରାମର୍ଶ ସମ୍ପର୍କରେ ତାର ଅନୁଭୂତି ପ୍ରକାଶ କରିଥିଲା। କାରଣ ସେ ସେଠାରେ ଏକ ସରକାରୀ ବୀମା କମ୍ପାନୀର ପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟରତ। ତା'ଠାରୁ ସେଠିକାର ଆଇନଜୀବୀମାନଙ୍କର କାର୍ଯ୍ୟ କରିବାର ଶୈଳୀ ଓ ପରାମର୍ଶ ପ୍ରଣାଳୀ ବୁଝିବା ପରେ ପ୍ରକୃତରେ ମୁଁ ବହୁତ ଆଚମ୍ବିତ ହୋଇଥିଲି। ସେ ମତେ କହିଲା ଯେ ଏଠି ଓକିଲମାନେ କେହିବି ଭୁଲ୍ ପରାମର୍ଶ ଦେଇପାରିବେ ନାହିଁ। କୌଣସି କେଶ୍ ହୋଇପାରିବ କି ନାହିଁ, ତାର ଆଇନଗତ ଦିଗ ସବୁ କ'ଣ ବୋଲି ଜଣେ ଆଇନଜୀବୀ ଯେଉଁ କାରଣ ଦେଖାଇବ; ସେଇ ସମାନ କାରଣ ଓ ପରାମର୍ଶ ଅନ୍ୟ ଜଣେ ଆଇନଜୀବୀ ପାଖକୁ ଗଲେ ମଧ୍ୟ ମିଳିବ। କେହିବି ଭୁଲ ପରାମର୍ଶ ଦେବେନାହିଁ। କାରଣ ସେଠିକାର ନିୟମ ଆନୁସାରେ ନିଜର ଆଇନଜୀବୀ ରେଟିଂ(ମାନଙ୍କ) କମିଯିବ। ଫି' ମଧ୍ୟ ସେଇ ଭଳିଆ, ଓକିଲ ଓକିଲ ଭିତରେ ଫି'ର ଫରକ ମଧ୍ୟ ବେଶି ନୁହେଁ। ଆମ ଦେଶ ଭଳି ଓକିଲଙ୍କ ପାଖକୁ ଆଇନ ପରାମର୍ଶ ପାଇଁ ଯିବାକୁ କାହାର ତିଳେମାତ୍ର ଭୟ କି ସଂକୋଚ ମଧ୍ୟ ନଥାଏ। ସବୁ କଥା ଶୁଣି ମନ ମୋର ଟିକେ ଖଟା ହୋଇଗଲା। ବନ୍ଧୁ କହିଥିବା ସରକାରୀ ଚାକିରିଆଙ୍କ ଦୁର୍ନୀତି ବିଷୟରେ କ'ଣ ଲେଖିବି ଆମ ନିଜ ଆଇନ ବୃତ୍ତିରେ ତ ଭର୍ତ୍ତିହୋଇ ରହିଛି ବହୁ ଦୁର୍ନୀତି। ମୋ ପାଖରେ ଗୋଟିଏ ଆଇନର ବିଶ୍ଳେଷଣ ଯାହା, ଅନ୍ୟ ଆଇନଜୀବୀ ବନ୍ଧୁଙ୍କ ପାଖରେ ତାହା ତର୍ଜମା ଅନ୍ୟ ପ୍ରକାରର। ଯେଉଁ ମଧୁସୂଦନ ଦାସ (ମଧୁବାବୁ) ଦିନେ ନିର୍ଭୀକ ଓ ସଚ୍ଚୋଟ ଭାବରେ ପୁରୀର ଗରିବ ରୟତ ପାଇଁ ବିନା ପଇସାରେ ମାମଲା ଲଢ଼ିଥିଲେ, ଯିଏ ନିଜର ବଳିଷ୍ଠ ଯୁକ୍ତି, ନିର୍ଭୀକତା ଓ ସଚ୍ଚୋଟତାକୁ ପାଥେୟ କରି ପୁରୀର ନଅ ବର୍ଷୀୟ ରାଜାଙ୍କୁ ନ୍ୟାୟ ପ୍ରଦାନ କରିଥିଲେ ଆଜି ତାଙ୍କରି ପଦାଙ୍କ ଅନୁସରଣ କରି ଆମେ କ'ଣ ଆମ ବୃତ୍ତିରେ ଟିକିଏ ସଚ୍ଚୋଟତା ଆଣି ପାରିବାନି ? ଏହା ଆଜି ଏକ ବିରାଟ ପ୍ରଶ୍ନବାଚକ ଚିହ୍ନ ସହିତ ଆମକୁ ପ୍ରଶ୍ନ କରୁଛି। ସମାଜରୁ କି ଶାସନ ବ୍ୟବସ୍ଥାରୁ ଦୁର୍ନୀତି ହଟାଇ ଦେବାର ପ୍ରୟାସ ଏବେ ପାଗଳାମି ଭଳି ମନେହଉଛି। କେହିଜଣେ ବିଜ୍ଞ ବ୍ୟକ୍ତି ଉଦାହରଣ ଛଳରେ କହିବାର ମୋର ମନେ ପଡୁଛି 'ଦୁର୍ନୀତିଖୋର ବା ଖଳ ଲୋକମାନେ ବହୁଧା ସଙ୍ଗଠିତ, କିନ୍ତୁ ସଚ୍ଚୋଟ ଲୋକମାନେ ଅସଙ୍ଗଠିତ'। ତେଣୁ ଆମେମାନେ ଯଦି ସମସ୍ତେ ଶପଥ ନେଇ ସଚ୍ଚୋଟ ଓ ନିର୍ଭୀକ ଲୋକମାନଙ୍କର ସଂଖ୍ୟା ବଢ଼ାଇବା ଓ ତାଙ୍କୁ ବିଭିନ୍ନ ସଂସ୍ଥା ଓ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଡ଼ି ଏକତ୍ରିତ କରିବା, ନିଶ୍ଚୟ ଦିନ ଆସିବ ଖଳ ବା ଦୁର୍ନୀତିଖୋରଙ୍କର ସଂଖ୍ୟା କମିଯିବ ଓ ଦୁର୍ନୀତି ଉଭେଇଯିବ। ଅନ୍ୟଥା ଶିବକୁମାରଙ୍କ ଭଳି ଝିଅର ମୃତ୍ୟୁ ସମୟରେ ଆମ୍ବୁଲାନ୍ସ, ପୋଷ୍ଟମର୍ଟମ୍ ଆଉ ଶେଷରେ ମଶାଣି ଭୂଇଁରେ ମଧ୍ୟ ଲାଞ୍ଚ ଦେବାକୁ ପଡ଼ିବ।

[signature]

## ମିସ୍‌ଇନ୍‌ଫରମେସନ୍ ବନାମ ଡିସ୍‌ଇନ୍‌ଫରମେସନ୍

# ମିଥ୍ୟା ଖବରର ମାରାତ୍ମକତା



ଶତ୍ରୁଜିତ୍

ସମାଜର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମର କାମ ହେଲା, ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିବା। କିନ୍ତୁ ଏଇ ଦାୟିତ୍ୱ ନିର୍ବାହ କରିବାରେ ଏବକାର ମୁଖ୍ୟସ୍ରୋତର ଗଣମାଧ୍ୟମ କେତେଦୂର ନିଷ୍ଠାପର ଭାବେ କାର୍ଯ୍ୟ କରୁଛି, ତାହାକୁ ନେଇ ସମସ୍ତେ ସନ୍ଦେହରେ। ପରିସ୍ଥିତି ଏପରି ହୋଇଗଲାଣି ଯେ, ଏବେ ଠିକ୍ ଓ ତଥ୍ୟପୂର୍ଣ୍ଣ ଖବରଟିଏ ପରିବେଷଣ ହୋଇଥିଲେ ମଧ୍ୟ ତାକୁ ନେଇ ଅଙ୍ଗୁଳି ଉଠାଯାଉଛି। ମିଛୁଆ ରାଧୁଆ ଗପର ଚରିତ୍ର ରାଧୁଆର ସତକଥାଟିକୁ ମଧ୍ୟ ଯେମିତି ଗାଁ ଲୋକେ ବିଶ୍ୱାସ କରିନଥିଲେ, ଏବେ ଗଣମାଧ୍ୟମର ସ୍ଥିତି ସେଭଳି ହୋଇଗଲାଣି। ସେଥିରେ ପୁଣି ପରିସ୍ଥିତିକୁ ଅଧିକ ଗୁରୁତର କରିଛି, ବୃତ୍ତି ପ୍ରତି ନିଷ୍ଠା ନଥିବା ଅନେକ ନ୍ୟସ୍ତସ୍ୱାର୍ଥ ଲୋକଙ୍କ ଉପସ୍ଥିତି।

ଇଏ ତ ଗଲା, ମୁଖ୍ୟସ୍ରୋତର ଗଣମାଧ୍ୟମର ସ୍ଥିତି। ସାମାଜିକ ଗଣମାଧ୍ୟମର ଉପସ୍ଥିତି ପରିସ୍ଥିତିକୁ ଆହୁରି ଗୁରୁତର କରିଛି। ଖବର ପରିବେଷଣ ଆଳରେ ଭୁଲ୍, ମିଥ୍ୟା ଓ ବ୍ୟକ୍ତିଗତ ଆକ୍ରୋଶମୂଳକ ଖବର ପରିବେଷଣ ପାଇଁ ଏବେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରାଯାଉଛି। ମୁଖ୍ୟସ୍ରୋତର ଗଣମାଧ୍ୟମ ପାଇଁ କିଛି ନୀତିନିୟମ ରହିଥିବା ଓ କିଛି ବୃତ୍ତିଗତ ତାଲିମ ନେଇଥିବା ଲୋକଙ୍କ ଉପସ୍ଥିତି ଥିବାରୁ ସେମାନେ ଅନ୍ତତଃପକ୍ଷେ ଲକ୍ଷ୍ମଣରେଖା ପାର ହେବା ବେଳକୁ କିଛିକ୍ଷଣ ଭାବୁଛନ୍ତି। କିନ୍ତୁ ସାମାଜିକ ଗଣମାଧ୍ୟମରେ କୌଣସି ନିୟନ୍ତ୍ରଣ ନାହିଁ। ଯିଏ ଯାହା ପାରିଲା, ମନଇଚ୍ଛା ପରିବେଷଣ କଲା। ସବୁଠୁ ଅଧିକ କ୍ଷତିକାରକ ହୋଇଛି, ରାଜନୈତିକ ନେତୃବୃନ୍ଦଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ମିଥ୍ୟା ବା ଅସତ୍ୟ ଖବର ପରିବେଷଣ।

ପ୍ରତ୍ୟେକ ବର୍ଷ ନଭେମ୍ବର ୧୬ ତାରିଖ ଦିନ 'ଭାରତୀୟ ଗଣମାଧ୍ୟମ ପରିଷଦ' (ପ୍ରେସ କାଉନସିଲ ଅଫ୍ ଇଣ୍ଡିଆ ବା ପିସିଆଇ)ର ଜନ୍ମଦିନକୁ 'ଜାତୀୟ ଗଣମାଧ୍ୟମ ଦିବସ' ଭାବେ ପାଳନ କରାଯାଇଥାଏ। ଏହି ଦିବସ ପାଳନ ପାଇଁ ପିସିଆଇ ପକ୍ଷରୁ ଏକ ପ୍ରସଙ୍ଗ ବା ଥିମ୍ ସ୍ଥିର କରାଯାଇଥାଏ। ଚଳିତ ବର୍ଷର ପ୍ରସଙ୍ଗର ଶୀର୍ଷକ ରହିଥିଲା 'କ୍ରମବର୍ଦ୍ଧିଷ୍ଣୁ ମିଥ୍ୟା ଖବର ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତାର ସୁରକ୍ଷା' (Safeguarding Press Credibility Amidst Rising Misinformation)। ଇଂରାଜୀ ଭାଷାରେ ମିଥ୍ୟା ଖବର ପାଇଁ ପାଇଁ ଦୁଇଟି ଶବ୍ଦ ବ୍ୟବହାର କରାଯାଇଥାଏ- Mis-information ଏବଂ Disinformation। ମିସ୍‌ଇନ୍‌ଫରମେସନ୍‌ର ଅର୍ଥ ହେଲା, ଯେଉଁ ମିଥ୍ୟା ବା ଭୁଲ୍ ଖବରକୁ ମନ୍ଦ ଉଦ୍ଦେଶ୍ୟ ନଥାଇ ନିଜ ଅଜାଣତରେ ଠିକ୍ ବୋଲି ଭାବି ପରିବେଷଣ କରାଯାଏ। ଅନ୍ୟ ପକ୍ଷରେ ଡିସ୍‌ଇନ୍‌ଫରମେସନ୍‌ର ଅର୍ଥ ହେଲା, ଯେଉଁ ମିଥ୍ୟା ବା ଭୁଲ୍ ଖବରକୁ ମନ୍ଦ ଉଦ୍ଦେଶ୍ୟରେ ବା ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ପ୍ରଚାର, ପ୍ରସାର କରାଯାଇଥାଏ। ମିସ୍‌ଇନ୍‌ଫରମେସନ୍ ଠାରୁ ଡିସ୍‌ଇନ୍‌ଫରମେସନ୍ ଅଧିକ ମାରାତ୍ମକ।

ଉଦାହରଣ ଦେଲେ, ଉଭୟ ଶବ୍ଦର ପ୍ରୟୋଗ ବୁଝିହେବ। ମିସ୍‌ଇନ୍‌ଫରମେସନ୍‌ର ସଦ୍ୟତମ ଉଦାହରଣ ହେଲା– ବଲିଉଡ୍ ହି-ମ୍ୟାନ୍ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ସମ୍ପର୍କିତ ଖବର। ଧର୍ମେନ୍ଦ୍ରଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏ ଖବର ପରିବେଷଣ କରାଯାଇନଥିଲା। ନିଜ ଅଜାଣତର ଭୁଲ୍‌ରେ ଏଭଳି ଘଟିଥିଲା। ଅବଶ୍ୟ ଏଥିପାଇଁ ସମଗ୍ର ଗଣମାଧ୍ୟମ ଜଗତ ନିନ୍ଦିତ ହେଲା ଏବଂ ଧର୍ମେନ୍ଦ୍ରଙ୍କ ଅଭିନେତା ପୁଅ ସନ୍ନି ଦେଓଲଙ୍କ ବିଷୋଦ୍‌ଗାରର ଶିକାର ହେଲା।

(ମତାମତ ଲେଖକଙ୍କ ନିଜସ୍ୱ)

ଯୋଗାଯୋଗ : +୯୧ ୯୮୬୧୫ ୫୦୭୬୧

'ଭଏସ୍ ଅଫ୍ ଭିକ୍ଟିମ୍ସ'ର

## ସ୍ୱନକ୍ଷତ୍ର ଉତ୍ସବ

ଅବସରରେ ଆମର ପାଠକ-ପାଠିକା, ସମ୍ବାଦଦାତା, ବିଜ୍ଞାପନଦାତା ତଥା ଅଗଣିତ ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ପୂର୍ବଭାରତରେ ‘ଗୁପ୍ତ ବୃନ୍ଦାବନ’ ଧାମ ରେମୁଣା

**ବାଲେଶ୍ୱରରୁ ରୀନାରାଣୀ ଦାସ**

ସମଗ୍ର ଜିଲ୍ଲା ତଥା ଉତ୍କଳୀୟ ପରମ୍ପରାର ପ୍ରାୟ ୫ଶହ ବର୍ଷ ତଳୁ ରେମୁଣା ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ଭାବେ ବିବେଚିତ ହୋଇଆସୁଛି । ଯେଉଁ ମହାମନିଷୀଙ୍କ ପାଇଁ ରେମୁଣା କେବଳ ଉତ୍କଳରେ ନୁହେଁ ସମଗ୍ର ବିଶ୍ୱରେ ପରିଚିତ ହୋଇଛି ସେମାନଙ୍କୁ ଆଧ୍ୟାତ୍ମିକ ଜଗତର ଉଜ୍ଜ୍ୱଳତମ ଜ୍ୟୋତିଷ ଭାବେ ବର୍ଣ୍ଣନା କଲେ ତାହା ମଧ୍ୟ କମ୍ ହେବ । ବିଶ୍ୱପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀ, ଗୋବିନ୍ଦ ଭାଷ୍ୟମ୍ ?ର ବ୍ୟାଖାକାର ଶ୍ରୀଲ ବଳଦେବ ବିଦ୍ୟାଭୂଷଣଙ୍କ ଭଳି ଯୋଗଜନ୍ମାଙ୍କୁ ଜନ୍ମ ଦେଇ ଏହି ମାଟି ଧନ୍ୟ ହୋଇଛି । ରସିକାନନ୍ଦ ମହାପ୍ରଭୁ, ଭକ୍ତଶ୍ରେଷ୍ଠ ମାଧବେନ୍ଦ୍ର ପୁରୀ ଗୋସ୍ୱାମୀ ମହାରାଜଙ୍କ ଭଳି ମହାମନିଷୀଙ୍କ ମହାପ୍ରୟାଣ କ୍ଷେତ୍ର ପାଲଟିଛି ରେମୁଣା । ଏହି ମାଟି ଶ୍ରୀଚୈତନ୍ୟଙ୍କ ଭଳି ଯୁଗ ପ୍ରବର୍ତ୍ତକଙ୍କ ପଦରଜରେ ପବିତ୍ର ହୋଇଛି। ବନବାସକାଳରେ ଜଳକଷ୍ଟ ଦୂରପାଇଁ ନିଜର ଧନୁତୀରରେ ମା’ଗଙ୍ଗା (ସପ୍ତଶରା)ଙ୍କୁ ସୃଷ୍ଟିକରି ରେମୁଣାକୁ ପ୍ଲାବିତ କରିଛନ୍ତି ଭଗବାନ ଶ୍ରୀରାମ। ପ୍ରକୃତରେ ରେମୁଣା ହୋଇଛି ଆଧ୍ୟାତ୍ମିକ କ୍ଷେତ୍ରର ରାଜଧାନୀ । ଏହି ଆଧ୍ୟାତ୍ମିକ ରାଜଧାନୀର ମହାରାଜା ହେଉଛନ୍ତି ସ୍ୱୟଂ କ୍ଷୀରଚୋରା ଗୋପୀନାଥ, ଯିଏ ଶ୍ରୀକୃଷ୍ଣଙ୍କର ସାକ୍ଷାତ୍ ସ୍ୱରୂପ। ଯାହାଙ୍କୁ ମଧ୍ୟ ଭଗବାନ ଶ୍ରୀରାମଚନ୍ଦ୍ର ସ୍ୱହସ୍ତରେ ଶରାଗ୍ରରେ ନିର୍ମିତ କରିଥିଲେ । ଏହି ମାଟିକୁ ଗୁପ୍ତବୃନ୍ଦାବନ ଧାମ ଭାବେ ବିବେଚନା କରାଯାଇଥାଏ ।

କାହିଁକି ଏହା ଗୁପ୍ତବୃନ୍ଦାବନ :- ମାଧବେନ୍ଦ୍ରପୁରୀ ଗୋସ୍ୱାମୀ ବୃନ୍ଦାବନରେ ଅବସ୍ଥାନ କରୁଥିବା ସମୟରେ ଏକ ଅଦ୍ଭୁତ ଘଟଣା ଘଟିଥିଲା । ଘଟଣାଟିଥିଲା ଏମିତି – ସେହି ସମୟରେ ମୁସଲମାନ ଶାସକ ଦେଶକୁ ଶାସନ କରୁଥିଲେ । ସେହି ଶାସକଙ୍କଦ୍ୱାରା ମୂର୍ତ୍ତି ଭଙ୍ଗା ସେବେଳର ଏକ ସାଧାରଣ ଘଟଣାଥିଲା। ସେହି ଅଞ୍ଚଳବାସୀଙ୍କର ମୁଖ୍ୟ ଦେବତା ଥିଲେ ଗୋପାଳ । ଗୋପାଳଙ୍କ ମୂର୍ତ୍ତିକୁ ସୁରକ୍ଷିତ ରଖିବା ଲାଗି ସେଠାକାର ଲୋକେ ଗାତ ଖୋଳି ମୂର୍ତ୍ତିକୁ ମାଟିତଳେ ପୋତି ଦେଇଥିଲେ; କାରଣ ତାଙ୍କ ଠାକୁରଙ୍କ ଉପରେ କାହାରି ନିଜର ନଲାଗୁ ଏପରି ଭାବନା ରହିଥିଲା । ସେହି ଅଞ୍ଚଳରେ ମାଧବେନ୍ଦ୍ର ପୁରୀଙ୍କ ଅବସ୍ଥାନ କାଳରେ ତାଙ୍କୁ ସେହି ମୂର୍ତ୍ତି ଉଦ୍ଧାର ପାଇଁ ସ୍ୱପ୍ନାଦେଶ ହେଲା । ମାତ୍ର କେଉଁଠାରେ ମୂର୍ତ୍ତି ପୋତା ଯାଇଥିଲା ତାହା ଜାଣିବା କଷ୍ଟସାଧ୍ୟ ଥିବାରୁ ଏଥିପାଇଁ ଏକ ଉପାୟ ମଧ୍ୟ ସୂଚାଇ ଦିଆଯାଇଥିଲା । ତାହା ହେଉଛି ଯେଉଁଠାରେ ସ୍ୱତଃପ୍ରବୃତ୍ତଭାବରେ ଗାଇଟିଏ ଠିଆହୋଇ କ୍ଷୀରନିଗାଡେ ସେହି ସ୍ଥାନର ମାଟିତଳେ ମୂର୍ତ୍ତି ରହିଛି । ସୂଚନା ମୁତାବକ ସେହିସ୍ଥାନରେ ଖୋଳାଖୋଳିପରେ ମୂର୍ତ୍ତି ଉଦ୍ଧାର ହୋଇଥିଲା । ସେହି ଗୋପାଳଙ୍କ ମୂର୍ତ୍ତିକୁ ଗୋବର୍ଦ୍ଧନ ପର୍ବତ ଉପରେ ସ୍ଥାପନ କରିବାପାଇଁ ଅଭିଷେକ କରାଯିବାର ସ୍ଥିର ହେଲା । ଅଭିଷେକ ପାଇଁ ଜଳ, କ୍ଷୀର ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ମଧ୍ୟ ଯୋଗାଡ଼ କରାଗଲା । ହେଲେ ଏଥିରେ ଗୋପାଳଙ୍କ ଶରୀର ଶୀତଳତା ଲାଭ କଲା ନାହିଁ। ଏମିତି ଦିନେ ପୁଣି ମାଧବେନ୍ଦ୍ରଙ୍କୁ ସ୍ୱପ୍ନାଦେଶ ହୋଇ ପୁରୀରେ ଶ୍ରୀ ଜଗନ୍ନାଥଙ୍କ ଶରୀରରେ ଲାଗି କରାଯାଇଥିବା ମଳୟ ଚନ୍ଦନ ଆଣି ପ୍ରଲେପ ଦେଲେ ଶୀତଳତା ମିଳିବ ବୋଲି ସୂଚନା ମିଳିବାରୁ ମାଧବେନ୍ଦ୍ର ପୁରୀ ବାହାରିଲେ। ଅନେକ ଦିନର ଯାତ୍ରାପରେ ମାଧବେନ୍ଦ୍ର ପୁରୀ ଯିବା ରାସ୍ତାରେ ରେମୁଣାର ଗୋପୀନାଥଙ୍କୁ ଦର୍ଶନ କରଯିବାର ଇଚ୍ଛା ପ୍ରକଟ କଲେ । ପଥ ଶ୍ରମ ସହିତ କ୍ଷୁଧା ଅଧିକ ହେଉଥିଲେବି ମାଧବେନ୍ଦ୍ର କୌଣସି ଠାରେ କାହାକୁ କିଛି ମାଗୁନଥିଲେ । ଗୋପୀନାଥଙ୍କୁ ଦର୍ଶନ କରି ସାରି କ୍ଷୁଧା ଜର୍ଜରିତ ଶରୀରକୁ ନେଇ ନିକଟସ୍ଥ ଚଣ୍ଡି ହାଟ ନିକଟକୁ ଚାଲିଲେ । ସେଠାରେ ଥିବା ବରଗଛ ମୂଳରେ ରାତ୍ରୀଯାପନ ପାଇଁ ସ୍ଥିର କରି ଶୋଇ ପଡିଲେ। ଶୋଇଥିବାବସ୍ଥାରେ ବିଳମ୍ବିତ ରାତ୍ରୀରେ ତାଙ୍କୁ କେହି ଜଣେ ଡାକୁଥିବାର ଜାଣି ଉଠିପଡିଲେ । ସେ ମାଧବେନ୍ଦୁପୁରୀ ବୋଲି ଜାଣିବାପରେ ଗୋପୀନାଥଙ୍କ ମୂଖ୍ୟ ପୂଜକ ତାଙ୍କୁ ଏକ କ୍ଷୀର ଭୋଗ ଭର୍ତ୍ତି ଭାଣ୍ଡ (ଦାଣ୍ଡି) ବଢ଼ାଇଥିଲେ ଏବଂ ଏହି ଭୋଗ ଭାଣ୍ଡ ଗୋପୀନାଥ ରାତିରେ ନିଜ ପିନ୍ଧା ଲୁଗା ଭିତରେ ଲୁଚାଇ ରଖିଥିଲେ ଏବଂ ତାଙ୍କର ଆଦେଶରେ ସେ ଏଠାକୁ ତାହା ନେଇ କରି ଆସିଥିବା ପୂଜକ ପ୍ରକାଶ କରିବା ପରେ ମାଧବେନ୍ଦ୍ରଙ୍କ ଆଶ୍ଚର୍ଯ୍ୟର ସୀମା ନଥିଲା । ଏଥିପାଇଁ ଯେ ସ୍ୱୟଂ ଗୋପୀନାଥ ଭକ୍ତଙ୍କ ମନଭାବ ଜାଣି ତାଙ୍କ ଲାଗି ଏହି ଭୋଗ ଲୁଚାଇ ରଖିଥିଲେ । ମାତ୍ର ଏହି ଘଟଣା ସକାଳ ହେବା କ୍ଷଣି ପ୍ରଚାରିତ ହେଲେ ଏଠାରେ ଭିଡ ଲାଗିବ ବୋଲି ଭାବି ମାଧବେନ୍ଦ୍ର ସେଠାରୁ ଚାଲି ଯାଇଥିଲେ । କାରଣ ଭକ୍ତ ତା’ର ନିଜର ପ୍ରତିଷ୍ଠା ଚାହିଁ ନଥାଏ । ସେହିଦିନ ଠାରୁ ଗୋପୀନାଥଙ୍କ ନାମ ପୂର୍ବରୁ ‘କ୍ଷୀରଚୋରା’ ଲାଗିଥିଲା ଏବଂ ଠାକୁର ଗୋପୀନାଥରୁ କ୍ଷୀରଚୋରା ଗୋପୀନାଥ ନାମ ଧାରଣ କରିଥିଲେ । କୃଷଙ୍କ ଅବତାରରେ ତାଙ୍କ ନାମରେ ସବୁକିଛି ଚୋରି କରିବାର ଅଭିଯୋଗ ରହିଥିଲା କେବଳ କ୍ଷୀରଚୋରି ବୋଧହୁଏ ବାକି ରହିଯାଇଥିଲା । ଏହା କରି ଭଗବାନ ଦର୍ଶାଇଥିଲେ ନିଜଠାରୁ ଭକ୍ତ ହେଉଛନ୍ତି ଶ୍ରେଷ୍ଠ ।




ତେବେ ରେମୁଣାରୁ ମାଧବେନ୍ଦ୍ର ପୁଣି ପୁରୀ ଅଭିମୁଖେ ଚାଲିଲେ । ଅଠର ନଳା ଠାରେ ପହଞ୍ଚିବା ବେଳକୁ ପୁରୀ ରାଜାଙ୍କୁ ଖବର ମିଳି ସାରିଥାଏ ଯେ ସୁଦୂର ବୃନ୍ଦାବନରୁ ମାଧବେନ୍ଦ୍ର ନାମକ କେହି ଜଣେ ଆସୁଛନ୍ତି ଏଣୁ ତାଙ୍କୁ ଅଠର ନଳାଠାରୁ ସସମ୍ମାନେ ପାଛୋଟି ନେବାକୁ ବ୍ୟବସ୍ଥା କରାଯାଇଥାଏ । ଏହା ଦେଖି ମାଧବେନ୍ଦ୍ର ଆଶ୍ଚର୍ଯ୍ୟାଭିଭୂତ ହୋଇଯାଇଥିଲେ। ଏହାପରେ ରାଜା ଦୁଇଟି ଶଗଡରେ ମଳୟ ଚନ୍ଦନ ଗଦି ସୁରକ୍ଷା କର୍ମୀଙ୍କ ସହ ଗଡ ପାରି କରିଦେବାକୁ ପଠାଇଲେ । ସୁରକ୍ଷା କର୍ମୀଙ୍କ ସହିତ ମାଧବେନ୍ଦ୍ର ବୃନ୍ଦାବନ ଫେରିବା ବାଟରେ ପୁଣି ରେମୁଣା ବାଟ ଦେଇ ଗୋପୀନାଥଙ୍କୁ ଆଉଥରେ ଦର୍ଶନ କରିଯିବାକୁ ମନ ବଳାଇଲେ ଏବଂ ପୁଣି ସେହି ଚଣ୍ଡିହାଟ ନିକଟରେ ପହଞ୍ଚିବା ପରେ ସେଠାରୁ ସୁରକ୍ଷା କର୍ମୀ ଫେରିଯାଇଥିଲେ। ଏଠାରେ ଅବସ୍ଥାନ ସମୟରେ ମାଧବେନ୍ଦ୍ର ପୁରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖାଦେଇଥିଲା ଏବଂ ସେ ଗୁରୁତର ଭାବେ ଅସୁସ୍ଥ ହୋଇପଡିଲେ । ଏହି ଖବରପାଇ ମାଧବେନ୍ଦ୍ରଙ୍କ ଅନ୍ୟତମ ଶିଷ୍ୟ ଇଶ୍ୱରପୁରୀ ପହଞ୍ଚି ମଳୟ ଚନ୍ଦନ ସହିତ ଗୁରୁଙ୍କୁ ମଧ୍ୟ ନେଇଯିବାକୁ ଚାହିଁଲେ । ଇତିମଧ୍ୟରେ ମାଧବେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତର ହୋଇପଡିଥିବା ଏବଂ ଆତ୍ମା ତାଙ୍କ ଶରୀର ତ୍ୟାଗ କରିବାକୁ ଥିବା ଜାଣିପାରି ନିଜ ମନ କଥା ଭଗବାନଙ୍କୁ ଜଣାଇଥିଲେ । ଗୋପାଳ ପୁଣି ସ୍ୱପ୍ନରେ ମାଧବେନ୍ଦ୍ରଙ୍କୁ ଆଦେଶ ଦେଲେ ଯେ ଗୋପୀନାଥଙ୍କ ନିକଟରେ ରହି ଚିନ୍ତାର କୌଣସି କାରଣ ନାହିଁ । ସେହିଠାରେ ଗୋପୀନାଥଙ୍କ ଶରୀରରେ ଚନ୍ଦନ ଲାଗି କରାଇଲେ ମଧ୍ୟ ମୋର ଶରୀର ଶୀତଳ ହୋଇଯିବ । ଏହି ପ୍ରକାରେ ବୃନ୍ଦାବନ, ଶ୍ରୀକ୍ଷେତ୍ର ଏବଂ ରେମୁଣା ମଧ୍ୟରେ ଏକ ସଂପର୍କ ଯୋଡି ହୋଇଥିବାରୁ ରେମୁଣାକୁ ଗୁପ୍ତବୃନ୍ଦାବନ ଭାବେ ଅଭିହିତ କରାଯାଇଥାଏ। ଏହାପରେ ଭକ୍ତଶ୍ରେଷ୍ଠ ମାଧବେନ୍ଦ୍ର ପୁରୀ ଚଣ୍ଡିହାଟ ନିକଟରେ ଦେହତ୍ୟାଗ କରି ସମାଧୀସ୍ଥ ହୋଇଯାଇଥିଲେ । ଭକ୍ତଶ୍ରେଷ୍ଠ ମାଧବେନ୍ଦ୍ରଙ୍କ ସେହି ସମାଧୀସ୍ଥଳ ଆଜିବି ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇରହିଛି । ସେହପରି ରସିକାନନ୍ଦ ଦେବ ଗୋସ୍ୱାମୀଙ୍କର ଶରୀର କ୍ଷୀରଚୋରାଙ୍କ ମନ୍ଦିର ପରିସରରେ ହିଁ ବିଲିନ ହୋଇଯାଇଥିଲା । ମନ୍ଦିର ପରିସରରେ ଆଜିବି ତାଙ୍କ ସମାଧି ବିରାଜିତ । ଚଣ୍ଡିହାଟର ରାଣୀ ମା’ ରାମଚଣ୍ଡିଙ୍କର ପଥର ନିର୍ମିତ ମୂର୍ତ୍ତି କଳାପାହାଡ଼ ଆକ୍ରମଣ ସମୟରେ ୫ଟି ଖଣ୍ଡରେ ପରିଣତ ହୋଇଛି । ମାତ୍ର ଶକ୍ତି ବିଖଣ୍ଡିତ ହୋଇନାହିଁ । ଗାର୍ଗି ମୂନିଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ମହାଦେବ ଗାର୍ଗେଶ୍ୱର ମହାଦେବ ଭାବେ ଆଜି ସର୍ବଜନ ବିଦିତ । ସେଠାରୁ ଦୀର୍ଘ ବ୍ୟବଧାନରେ ପ୍ରବାହିତ ଗଙ୍ଗାହର ନଦୀକୁ ଭୂତଳ ସଂଯୋଗ ରହିଥିବା ଆଶ୍ଚର୍ଯ୍ୟ ମନେହେଲେବି ଏହାର ସତ୍ୟତା ରହିଛି । ଗାର୍ଗେଶ୍ୱର ମହାଦେବଙ୍କ ଶକ୍ତି କୁଣ୍ଡରେ ଫୁଲ ଓ କ୍ଷୀର ଢ଼ଳାହେଲେ ତାହା ଗଙ୍ଗାହର ନଦୀର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାହାରିବା ସାଧାରଣରେ ଏକ କୌତୁହଳର ବିଷୟ ହୋଇ ରହିଛି ।



# ଧର୍ମେନ୍ଦ୍ରଙ୍କୁ ଜୋରଦାର ସ୍ୱାଗତ

**ଭୁବନେଶ୍ୱର (ଭିଓଭି) :** ବିହାର ନିର୍ବାଚନ ଫଳାଫଳ ବାହାରିବା ପରେ ଓଡ଼ିଶାରେ ପ୍ରଥମ ଥର ପହଞ୍ଚିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଜୋରଦାର ସ୍ୱାଗତ କରାଯାଇଛି । ବିହାରରେ ଏନ୍‌ଡିଏ ଚମତ୍କାର ପ୍ରଦର୍ଶନ ପରେ ସେ ଓଡ଼ିଶା ଆସିବା ପରେ ତାଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ଭବ୍ୟ ସ୍ୱାଗତ ଦିଆଯାଇଛି । ଶହ ଶହ ବିଜେପି କର୍ମୀ ଓ ନେତା ଏଥିରେ ସାମିଲ ହୋଇଛନ୍ତି । ପାରମ୍ପରିକ ବାଦ୍ୟନୃତ୍ୟରେ ତାଙ୍କୁ ସ୍ୱାଗତ କରିଛନ୍ତି ଦଳୀୟ ନେତା । ବିମାନବନ୍ଦରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ଟଙ୍କଧର ତ୍ରିପାଠୀ, ଗୋଲକ ମହାପାତ୍ର, ପିଙ୍କି ପ୍ରଧାନ, ତେଜେଶ୍ୱର ପରିଡ଼ା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା । ଏଠାରୁ ସେ ସିଧାସଳଖ ପୁରୀ ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବେ ବୋଲି ଜଣାପଡ଼ିଛି । ତା’ପରେ ସେ କଟକରେ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ।

ବିହାରରେ ଏନ୍‌ଡିଏକୁ ୨୦୨ ଆସନ ସହ ସ୍ପଷ୍ଟ ଓ ପ୍ରବଳ ବହୁମତ ମିଳିଛି । ୩୫ ଆସନ ଭିତରେ ମହାମେଣ୍ଟ ସୀମିତ ରହିଛି । ଏହି ସଫଳତା ପଛରେ କେବଳ ନୀତୀଶ କୁମାରଙ୍କ ଯୋଜନା ଅଛି ତାହା ନୁହେଁ ବରଂ ବିଜେପିର ସୁପରିକଳ୍ପିତ ରଣନୀତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ମୋଦୀ-ନୀତୀଶ ଯୋଡ଼ି ଏପରି ପରିବେଶ ସୃଷ୍ଟି କଲେ ଯେ ଏନ୍‌ଡିଏର ପୁରୁଣା ‘ଚମକ’ ଫେରି ଆସିଲା । କୁହାଯାଉଛି ଧର୍ମେନ୍ଦ୍ରଙ୍କ ଗୋଟି ଚାଳନା ଆଗରେ ବିରୋଧୀ ତିଷ୍ଠିପାରି ନଥିଲେ । ବିହାର ସହିତ ଧର୍ମେନ୍ଦ୍ର ପ୍ରଧାନଙ୍କର ପୁରୁଣା ସମ୍ପର୍କ ରହିଛି । ୨୦୧୨ରେ ସେ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ସେବେଠାରୁ ସେ ଏଠାକାର ରାଜନୀତି ଏବଂ ବିଜେପି ସଂଗଠନ ସହିତ ଗଭୀର ଭାବରେ ଜଡିତ ଥିଲେ । ଏହି ସମୟ ମଧ୍ୟରେ ସେ ଦଳ ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ ଏବଂ ସଂଗଠନକୁ ମଜଭୁତ କରିବାରେ ସହଯୋଗ କରିଥିଲେ । ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମଧ୍ୟରେ ବ୍ୟକ୍ତିଗତ ସମ୍ପର୍କ ବି ବହୁତ ଭଲ ।






## ପୁରୀ ଜିଲ୍ଲା ମୁଖ୍ୟ ସଦରମହକୁମା ଚିକିତ୍ସାଳୟ

# ବିପନ୍ନ ଅଗ୍ନି ନିରାପତ୍ତା ବ୍ୟବସ୍ଥା : ସଙ୍କଟରେ ରୋଗୀଙ୍କ ଜୀବନ

**ପୁରୀରୁ ରଶ୍ମିରଞ୍ଜନ ମହରଥା**

ସେ ସପିଂ ମଲ ହେଉ, ଡାକ୍ତରଖାନା ହେଉ କି ଉଚ୍ଚ ଅଟ୍ଟାଳିକା ! ନିଆଁ ଲାଗି ଧନ ଜୀବନ କ୍ଷତିଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ। ବାରମ୍ବାର ଏତେ ସବୁ ଘଟଣା ଘଟିବା ପରେ ବି ରୋଗୀଙ୍କ ଧନ ଜୀବନ ସୁରକ୍ଷାକୁ ଫୁ କରି ଦେଇଛନ୍ତି ପୁରୀ ଜିଲ୍ଲା ମୁଖ୍ୟ ସଦର ମହକୁମା ଚିକିତ୍ସାଳୟ କର୍ତ୍ତୃପକ୍ଷ। ଅଗ୍ନି ନିରାପତ୍ତା ନାଁରେ ବେଶ୍ କିଛି ମୋଟା ଅଙ୍କର ଖର୍ଚ୍ଚ ହୋଇଛି ସରକାରୀ ତହବିଲରୁ। ହେଲେ ଅସୁରକ୍ଷିତ ହୋଇଛି ରୋଗୀଙ୍କ ଜୀବନ।

ମିଳିଥିବା ସୂଚନା ଅନୁସାରେ ପୁରୀ ଜିଲ୍ଲା ମୁଖ୍ୟ ସଦର ମହକୁମା ଚିକିତ୍ସାଳୟ ପରିସର ରେ ରହିଛି ଛଅ ମହଲା ବିଶିଷ୍ଟ ପ୍ରସୂତି କାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର। ଦ୍ୱିତୀୟ ମହଲା ରେ ସାଧାରଣ ପ୍ରସୂତୀ ବିଭାଗ ରହିଥିବା ବେଳେ ତୃତୀୟ ମହଲାରେ ଅସ୍ତ୍ରୋପଚାର ପ୍ରସୂତୀ କରାଯାଉଛି। ସାଧାରଣ ପ୍ରସବ ପରେ ପ୍ରସୂତୀ ଓ ନବ ଜାତକ ଙ୍କୁ ଛଅ ଘଣ୍ଟା ନିରୀକ୍ଷଣ ରେ ରଖାଯିବା ପରେ ପଞ୍ଚମ କିମ୍ବା ଷଷ୍ଠ ମହଲାକୁ ସ୍ଥାନାନ୍ତର କରାଯାଇଥାଏ। ସେହିପରି ଅସ୍ତ୍ରୋପଚାର ପ୍ରସବ କରାଯାଇଥିବା ପ୍ରସୂତୀ ଓ ନବ ଜାତକ ଙ୍କୁ ତୃତୀୟ ମହଲାରେ ରଖି ଚିକିତ୍ସା କରାଯିବା ପରେ ପଞ୍ଚମ ବା ଷଷ୍ଠ ମହଲାକୁ ଅଣାଯାଇ ୱାର୍ଡ ରେ ରଖି ଚିକିତ୍ସା କରାଯାଇଥାଏ। ଛଅ ମହଲା ବିଶିଷ୍ଟ ଏହି ଅଟ୍ଟାଳିକାର ତଳ ମହଲାରେ ପଞ୍ଜୀକରଣ, ସହାୟତା କେନ୍ଦ୍ର, ସଭାଗୃହ, ଆହାର କେନ୍ଦ୍ର ସମେତ ମୋଟ ଦଶଟି କକ୍ଷ ରହିଥିବା ବେଳେ ପ୍ରଥମ ମହଲାରେ ବହିର୍ବିଭାଗ(ଶିଶୁ), ଅଲ୍ଟ୍ରାସୋନୋଗ୍ରାଫି କକ୍ଷ, କର୍କଟ ସ୍କ୍ରିନିଂ (ମହିଳା) କକ୍ଷ ସମେତ ମୋଟ ତେଇଶି ଟି କୋଠାରୀ ରହିଛି। ଦ୍ୱିତୀୟ ମହଲାରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଏବଂ ପ୍ରସୂତୀ କକ୍ଷ ସମେତ ମୋଟ ଚଉଦ ଟି କୋଠାରୀ ଥିବାବେଳେ ତୃତୀୟ ମହଲାରେ ଅସ୍ତ୍ରୋପଚାର ପ୍ରସୂତୀ ଗୃହ ଏବଂ ସ୍ୱତନ୍ତ୍ର ୱାର୍ଡ଼ ରହିଛି। ସେହିପରି ଚତୁର୍ଥ ମହଲରେ ଏସ୍. ଏନ୍. ସି. ୟୁ., ସେମିନାର କକ୍ଷ ଏବଂ କଙ୍ଗାରୁ ମଦର କେୟାର କକ୍ଷ ସମେତ ମୋଟ ଏଗାରଟି କକ୍ଷ ରହିଛି। ଅଟ୍ଟାଳିକାର ପଞ୍ଚମ ମହଲାରେ ଆଇ. ସି. ୟୁ.(ଶିଶୁ) ଏବଂ ଶିଶୁ ୱାର୍ଡ ରହିଥିବା ବେଳେ ଷଷ୍ଠ ମହଲାରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ସାତୋଟି କ୍ୟାବିନ୍ ସମେତ ମୋଟ ବାରଟି କୋଠାରୀ ରହିଛି।

ଏଠାରେ ପ୍ରତ୍ୟେକ ଦିନ ପ୍ରାୟ କୋଡିଏରୁ ଅଧିକ ପ୍ରସବ କରାଯାଉଥିବା ବେଳେ ଶହ ଶହ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟ ବିଭିନ୍ନ ମହଲାରେ ରହି ଚିକିତ୍ସିତ ହୋଇଥାନ୍ତି। କିନ୍ତୁ ପରିତାପ ଏବଂ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏତେ ସଂଖ୍ୟକ ନବଜାତକ ଶିଶୁ ଏବଂ ମହିଳା ରୋଗୀ ଏହି ଛଅ ମହଲା ବିଶିଷ୍ଟ କୋଠାରେ ଦୈନନ୍ଦିନ ଚଳପ୍ରଚଳ ହେଉଥିଲେ ବି ଡାକ୍ତରଖାନା କର୍ତ୍ତୃପକ୍ଷ ରୋଗୀଙ୍କ ଅଗ୍ନି ନିରାପତ୍ତା ଜନିତ ସୁରକ୍ଷା ପ୍ରତି ତିଳେ ବି ଭୃକ୍ଷେପ ନ କରିବା ପରି ମନେ ହେଉଛି। ଛଅ ମହଲା ଯାକ ପ୍ରତ୍ୟେକ ଟି କକ୍ଷ ଏବଂ ଯିବା ଆସିବା ବାଟ ସିଲିଂ ରେ ଲାଲ ରଙ୍ଗର ନିଆଁ ଲିଭା ପାଇପ୍ ଖଞ୍ଜା ଯାଇଛି। କୌଣସି ଜାଗାରେ ନିଆଁ ଲାଗିଲେ ସେଥିରୁ ନିର୍ଗତ ଧୂଆଁ କୁ ଡିଟେକ୍ଟ କରି ସ୍ୱୟଂ ଚାଳିତ ଜଳ ସିଞ୍ଚନ ଯନ୍ତ୍ରକୁ କାର୍ଯ୍ୟକ୍ଷମ କରିବା ଲାଗି ସ୍ମୋକ୍ ଡିଟେକ୍ଟର ସେନସର ଲାଗିଛି। ୱାଟର ସ୍ପ୍ରିଂକଲର ବି ଲାଗିଛି। ହେଲେ ନିଆଁ ଲାଗିଥିବା ବେଳେ ଏ ସବୁ ଉପକରଣକୁ ଜଳ ଯୋଗାଇବାକୁ ଲାଗିଥିବା ମୁଖ୍ୟ ପାଇପ୍ ର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରି ହେବନି। ପ୍ରତ୍ୟେକ ମହଲାର ସିଡି ପାଖରେ ଥିବା ମୁଖ୍ୟ ପାଇପ୍ ଗୁଡିକ କଳଙ୍କି ଲାଗି ସେଥିରେ ବିରାଟ ବିରାଟ କଣା ହୋଇଗଲାଣି। ପ୍ରଶ୍ନ ଉଠେ ନିଆଁ ଲାଗିବା ବିପଦ ସମୟରେ ଏହି ବିରାଟ ବିରାଟ ପାଇପ୍ ଗୁଡିକରେ ପାଣି ଯାଇ ନିଆଁ ଲିଭାଯିବ କିପରି ? କୌଣସି ଅଗ୍ନିକାଣ୍ଡ ସମୟରେ ଅଗ୍ନି ନିର୍ବାପକ ଯନ୍ତ୍ର ସହାୟତାରେ ନିଆଁ ଲିଭା ଯାଉଥିବା ସମୟରେ ଧୂଆଁ ମଧ୍ୟରୁ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଏହି ୱାଟର ସ୍ପ୍ରିଙ୍କଲର୍ ବ୍ୟବସ୍ଥା ବହୁ ସହାୟକ ହୋଇଥାଏ। କିନ୍ତୁ ଏଠାରେ ଏହି ବ୍ୟବସ୍ଥା କେବଳ ଧର୍ମକୁ ଆଖିଠାର ଭଳି ମନେହୁଏ। କେତେକ ପ୍ରକୋଷ୍ଠର ଦୁଆର ବାହାର କାନ୍ଥରେ ଗୋଟିଏ ଦୁଇଟି ଫାୟାର୍ ଏକ୍ସଟିଙ୍ଗୁଇଟର ଟଙ୍ଗାଇ ଦେଇ ନିଜର ଦାୟିତ୍ୱ ଶେଷ କରି ଦେଇଛନ୍ତି। ଏଗୁଡିକର ଅବଧି ଶେଷ ହେବା ପୂର୍ବରୁ ଏଗୁଡ଼ିକ ହାଇଡ୍ରୋଟେଷ୍ଟଡ କରାଯାଉଛି କି ନାହିଁ ତାହା ସନ୍ଦେହ ଘେରରେ। କୌଣସି ଅଘଟଣ ଘଟିଲେ ବା ନିଆଁ ଲାଗିଲେ ଚିକିତ୍ସାଳୟ ରେ କାର୍ଯ୍ୟରତ ସୁରକ୍ଷା କର୍ମୀ, ଲିଫ୍ଟ ଚାଳକ ତଥା ଅନ୍ୟାନ୍ୟ କର୍ମଚାରୀ ମାନେ କେତେ କୁଶଳତାର ସହିତ ନିଆଁ କୁ ମୁକାବଲା କରି ରୋଗୀଙ୍କ ଜୀବନ ରକ୍ଷା କରି ପାରିବେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଛଅ ମହଲା ଯାକ ଲାଗିଥିବା ସମସ୍ତ ଉପକରଣରେ ନିୟମିତ ଲାଲ ରଙ୍ଗ ଲଗା ଯାଇ ରକ୍ଷଣାବେକ୍ଷଣ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ବରବାଦ ହେବା କେବଳ ସାର ହେବାପରି ମନେ ହେଉଛି।

ପ୍ରକାଶ ଥାଉକି, ପ୍ରସୂତୀ ଓ ଶିଶୁ ମାନେ ରହି ଚିକିତ୍ସିତ ହେଉଥିବା ଏହି ଅଟ୍ଟାଳିକା ଅଗ୍ନି ନିରାପତ୍ତା ନିୟମାବଳୀ କୁ ଅନୁସରଣ କରୁ ନଥିବା କାରଣରୁ ଏହି ଅଟ୍ଟାଳିକା କୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ମିଳିନାହିଁ ବୋଲି ଅଗ୍ନିଶମ ବାହିନୀ ପକ୍ଷରୁ ଦୁଇ ବର୍ଷ ତଳେ ସ୍ପଷ୍ଟ କରାଯାଇଥିଲା।





ସ୍ପ୍ରିଂକଲର ଏବଂ ସ୍ମୋକ ଡିଟେକ୍ଟର ଲାଗିଛି

# ବେଆଇନ ଭାବେ ଚାଲିଛି ମୋରମ ଚାଲାଣ

**ଖୋର୍ଦ୍ଧା (ଭିଓଭି) :** ଖୋର୍ଦ୍ଧା ତହସିଲ ଅଧୀନସ୍ଥ ଅରାଙ୍ଗ ଗ୍ରାମରେ ବେଆଇନ ମୋରମ ଖଣି ପାଇଁ ମୂଲ୍ୟବାନ ସରକାରୀ ଜମିର ବ୍ୟାପକ ନଷ୍ଟ କେବଳ ସ୍ଥାନୀୟ ପରିବେଶକୁ ଅକାରଣରେ କ୍ଷତି ପହଞ୍ଚାଉ ନାହିଁ ବରଂ ଖୁବ କମ ସମୟ ମଧ୍ୟରେ ଏକ ମରୁଭୂମି ପାଲଟିବାକୁ ଯାଉଚି । ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ଯେ ମାଫିଆମାନେ ପ୍ରାୟତଃ ଅରାଙ୍ଗ ଗ୍ରାମ ନିକଟରେ ଥିବା ସରକାରୀ ଜମିରୁ ମୋରମ ଖନନ କରି ପ୍ରତିଦିନ ହାଇୱା ଟ୍ରକ, ଡମ୍ପର ଏବଂ ଟ୍ରାକ୍ଟରରେ ଖୋର୍ଦ୍ଧା ସହର ଏବଂ ଅନ୍ୟତ୍ର ଚୋରା ଚାଲାଣ କରନ୍ତି । ଭାରୀ ଯାନଗୁଡ଼ିକ ଯିବା ଆସିବା କରିବା ସମୟରେ ଗ୍ରାମ ରାସ୍ତା ଗୁଡ଼ିକ କ୍ଷତିଗ୍ରସ୍ତ ହେବା ସହିତ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଗ୍ରାମବାସୀ ଏହାକୁ ପ୍ରତିବାଦ କରିବା ପରେ ମାଫିଆମାନେ ସେମାନଙ୍କୁ ବିଭିନ୍ନ ପ୍ରକାର ଧମକ, ଚମକ ଦେଉଥିବା ନେଇ ଅଭିଯୋଗ ହୋଇଛି । ସ୍ଥାନୀୟ ପୋଲିସ, ରାଜସ୍ୱ ଏବଂ ଖଣି ବିଭାଗର ହସ୍ତକ୍ଷେପ ପାଇଁ ଗ୍ରାମବାସୀଙ୍କ ଅନୁରୋଧ ସତ୍ତ୍ୱେ, ସେହି ଅଞ୍ଚଳରେ ବେଆଇନ କାର୍ଯ୍ୟକଳାପ ଜାରି ରଖିଥିବା ମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଖୋର୍ଦ୍ଧାର ଉପାନ୍ତ ଅଞ୍ଚଳରେ ମୋରମ୍ ଖଣି କେବଳ ପ୍ରାକୃତିକ ପରିବେଶକୁ ବିପର୍ଯ୍ୟସ୍ତ କରି ଚାଲିଛି ତାହା ନୁହେଁ ବରଂ ସରକାରୀ ଅଧିକାରୀଙ୍କ ନାକ ତଳେ କିପରି ବେଆଇନ କାର୍ଯ୍ୟକଳାପ ଚାଲିଛି ତାହା ମଧ୍ୟ ପ୍ରଶ୍ନ ଉଠାଇଛି । ବେଆଇନ ଖଣି ଯୋଗୁଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । କିଛି ଅସାମାଜିକ ବ୍ୟକ୍ତିଙ୍କ ସହାୟତାରେ, ବିଭିନ୍ନ ଦଳର ରାଜନୈତିକ ନେତାମାନେ ନିଜ ବ୍ୟକ୍ତିଗତ ଲାଭ ପାଇଁ ପ୍ରାକୃତିକ ସମ୍ପଦକୁ ଲୁଟି ଚାଲିଛନ୍ତି । ଖଣି ମାଫିଆମାନଙ୍କୁ କିଛି ଅସାଧୁ ପୁଲିସ କର୍ମଚାରୀ ସୁରକ୍ଷା ପ୍ରଦାନ କରୁଥିବା ବେଳେ ରାଜସ୍ୱ ଏବଂ ଖଣି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନରେ ଶିଥିଳତାକୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।




# ସରିଲା ଅବଧି : ଶେଷ ହୋଇପାରିଲାନି

# ଜଳ ଯୋଗାଣ ମିଶନ

**ଯାଜପୁରରୁ ଶୁଭଶ୍ରୀ ସାମଲ**

ଜଳ ଜୀବନ ମିଶନ ହେଉଛି ଓଡ଼ିଶା ସରକାରଙ୍କର ଏକ ଉତ୍କୃଷ୍ଟ ଯୋଜନା । ଭାରତ ସରକାରଙ୍କର ଆର୍ଥିକ ସହାୟତା ଅନୁଦାନରେ କାର୍ଯ୍ୟକାରୀ ହୋଇଆସୁଅଛି। ଜଳ ଜୀବନ ମିଶନ ଯୋଜନା ଅନୁସାରେ ୨୦୨୪ ସୁଦ୍ଧା ଓଡ଼ିଶାର ଗ୍ରାମାଞ୍ଚଳରେ ଥିବା ସମସ୍ତ ଘରେ ପାଇପ ଯୋଗେ ସୁରକ୍ଷିତ ଏବଂ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ଶେଷ ହେବା ଉଦ୍ଦେଶ୍ୟ ରଖାଯାଇଥିଲା । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କର ମିଳିତ ସହଯୋଗ ରେ 'ଡ୍ରିଙ୍କ ଫ୍ରମ୍ ଟାପ୍ ମିଶନ' ଜରିଆରେ ସହରାଞ୍ଚଳରେ ଓ ଗ୍ରାମାଞ୍ଚଳର ଘରେ ଘରେ ୨୪x୭ ପାଇପ ପାଣି ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା ।

ବଡ଼ଚଣା ବ୍ଲକ ଅନ୍ତର୍ଗତ ରାଧାଦେଇପୁର ଗ୍ରାମପଞ୍ଚାୟତର କେତେକ ଗ୍ରାମ ଯଥା: ଉଦୟନଗର, ଉଦୟନଗର-୨, ବିଦ୍ୟାଧରପୁର ଇତ୍ୟାଦି ଗ୍ରାମମାନଙ୍କୁ ବିଗତ ତିନି ବର୍ଷରୁ ଅଧିକ ଦିନ ଧରି ମେଗା ଜଳ ମିଶନ ଯୋଜନା ଅନୁଯାୟୀ ପାଣି ପାଇପ ମାଟି ତଳେ ପୋତା ଯାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଗ୍ରାମବାସୀମାନେ ପାନୀୟ ଜଳର ସୁବିଧା ପାଇପାରୁ ନାହାନ୍ତି । କେତେକ ସ୍ଥାନରେ ପାଣି ପାଇପ୍‌ଗୁଡ଼ିକ ଭଗ୍ନ ଅବସ୍ଥାରେ ପଡ଼ିରହିଛି ।

ରାଧାଦେଇପୁରର କେତେକ ଗ୍ରାମ ବିରୂପା ନଦୀ ଓ ଗେଙ୍ଗୁଟି ନଦୀ କୂଳରେ ଅବସ୍ଥିତ ହୋଇଥିବାରୁ ବର୍ଷା ଦିନେ ନଦୀର ଜଳ ଦୂଷିତ ହୋଇଯାଇଛି, ଯାହା ଫଳରେ ଲୋକମାନେ ଉତ୍ତମ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଏପର୍ଯ୍ୟନ୍ତ ଏଥିପ୍ରତି ସୌଜନ୍ୟ ମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ୨୦୨୫ ଶେଷ ହେବାକୁ ବସିଲାଣି ତଥାପି ଏହି ଅଞ୍ଚଳର ଅଧିବାସୀମାନେ ଜଳ ଯୋଗାଣର ସୁବିଧା ପାଇପାରିଲେ ନାହିଁ । କେବେ ଏଥିପ୍ରତି ଧ୍ୟାନ ଦିଆଯିବ ଏବଂ ଲୋକମାନେ କେବେ ଏହାର ସୁବିଧା ଉପଲବ୍ଧ କରିବେ ତାହା ଏବେ ଚିନ୍ତାର ବିଷୟ ।

# Just Transitions, Livelihoods and Inclusive Economies



Nihar Ranjan Acharya

As the world moves towards cleaner technologies and sustainable development, one principle must guide us progress is meaningful only when it is just. A just transition ensures that the shift to a green future does not push workers, farmers or vulnerable communities into uncertainty. Instead, it protects livelihoods, promotes equity and strengthens social justice.

**Why Just Transitions Matter**

Climate change is reshaping agriculture, health, industry and everyday life. As economies adopt renewable energy, digital systems and circular models, traditional jobs evolve. A just transition ensures:

- Reskilling and upskilling of workers
- Social safety nets for vulnerable groups
- Community participation in decision-making
- Fair distribution of benefits and opportunities

Sustainability must never come at the cost of human dignity.

**Livelihoods at the Centre**

Millions in India depend on agriculture, informal labour, mining and fisheries—sectors directly affected by climate policies. A just approach supports them through:

**Green skill training** in solar, waste management, sustainable farming

**Diversified rural livelihoods** like agroforestry, eco-tourism and small enterprises

**Better social protection,** especially for informal workers

**Respect for local and indigenous knowledge**


A transition becomes truly green only when people find security and opportunity along the way.

**Towards Inclusive Economies**

An inclusive economy is one where **growth is shared, opportunities are equal and no one is excluded.** It prioritizes gender equality, youth empowerment, indigenous communities, digital access, and support for small businesses. Economic progress must reflect well-being, justice and equal access to resources.

**A Future Where No One Is Left Behind**

India stands at a defining moment—balancing climate responsibility with economic aspiration. The path ahead demands compassion, cooperation and collective action. A greener tomorrow should uplift the livelihoods, dignity and dreams of today's people.




**A just transition is not only an environmental need—it is a human commitment to inclusion, fairness and shared prosperity.**

Founder and Working Director, TRUST , Scientific Officer, Indian Climate Congress
Ph. 8249775817

# STRESS AND ITS MANAGEMENT

Ranjit Pattnaik

Stress is a serious problem for many young people today, and it affects their physical health, emotions, thinking, and behavior in ways that can be harmful if not managed. Physically, stress can cause headaches, stomach aches, tiredness, and sleep problems, and it can weaken the immune system, making young people get sick more often and possibly increasing the chance of health problems later in life. Emotionally, stress often leads to anxiety, depression, irritability, and low self-esteem, and when it becomes severe or long-lasting, it can even contribute to serious issues like psychosis or self-harm. Stress also harms the brain's ability to think clearly by affecting concentration, memory, and learning, which results in poor academic performance and a lack of motivation. Behaviorally, many stressed young people start isolating themselves from friends and family, lose interest in activities they once enjoyed, or turn to unhealthy coping methods such as alcohol, drugs, or overeating, along with unpredictable changes in appetite. Because stress affects so many parts of life at once, it is important to use healthy remedies to manage it. Helpful solutions include maintaining a regular sleep schedule, practicing relaxation



techniques like deep breathing or meditation, exercising regularly, talking to trusted friends, family, or counselors, managing time better to reduce school pressure, and seeking professional help when stress becomes overwhelming. With the right support and coping strategies, young people can reduce the impact of stress and improve their overall health and well-being.

Spirituality can play an important role in reducing stress, especially for young people who feel overwhelmed by school pressure, family expectations, or personal challenges. Spirituality does not only mean religion—it can also involve personal beliefs, connecting with nature, practicing gratitude, meditation, or finding meaning and purpose in life. When young people engage in spiritual activities, such as praying, meditating, reflecting quietly, or practicing mindfulness, their minds become calmer, and their emotions become more balanced. These practices help reduce anxiety, improve mood, and increase inner strength. Spirituality often encourages positive thinking, kindness, patience, and self-acceptance, which help young people cope better with stress and difficult situations.

Electro homoeopathic Practitioner
Chief reporter – VOICE OF VICTIMS
Mob- 9439505215



# ସୁଡ଼ଙ୍ଗ ଶେଷରେ ସୂର୍ଯ୍ୟୋଦୟ



ସଂଜୀବ ମହାପାତ୍ର


ଆମ ଦେଶର ଆଭ୍ୟନ୍ତରୀଣ ତଥା ବାହ୍ୟ ସୁରକ୍ଷା ବ୍ୟବସ୍ଥା ବର୍ତ୍ତମାନ ଏକ ଆଶଙ୍କାମୟ ତଥା ଉତ୍କଣ୍ଠିତ ସମୟ ଦେଇ ଗତି କରୁଛି ବୋଲି କହିହେବ। ଆତଙ୍କବାଦୀ ମାନଙ୍କ ଦ୍ୱାରା ଆତ୍ମଘାତୀ ବିସ୍ଫୋରଣ ଅତୀତରେ ମଧ୍ୟ ହୋଇଛି ଯେପରି ପୁଲବାମା ଠାରେ ହୋଇଥିଲା। ତେଣୁ ସେହି ଦୃଷ୍ଟିରୁ ନିକଟରେ ଦିଲ୍ଲୀର ଲାଲ୍‌କିଲ୍ଲା ପାଖରେ ହୋଇଥିବା ନାରକୀୟ ମର୍ମନ୍ତୁଦ କାଣ୍ଡ କିଛି ନୂଆ କଥା ନୁହେଁ। କିନ୍ତୁ ଯାହା ଆମର ସୁରକ୍ଷା ତଥା ଇଣ୍ଟେଲିଜେନ୍ସ ଅଧିକାରୀମାନଙ୍କୁ ବିନିଦ୍ର ରଜନୀ ବିତାଇବାକୁ ବାଧ କରୁଛି ତାହା ହେଲା ଏଥିରେ ସମ୍ପୃକ୍ତ, ପାଠସାଠ ପଢ଼ିଥିବା ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଡାକ୍ତର ଗୋଷ୍ଠୀ। ଏହାକୁ ଏକ ହ୍ୱାଇଟ୍ କଲାର ଟେରର୍ ମୋଡ୍ୟୁଲ ବୋଲି ଶୁଣିବାକୁ ଓ ପଢ଼ିବାକୁ ଟିକେ ସମ୍ଭ୍ରାନ୍ତ ଲାଗୁଥିଲେ ମଧ୍ୟ ଏହାର ଉତ୍ପତ୍ତି ଓ ଅଭ୍ୟୁଦୟ ଦେଶର ଗୋଇନ୍ଦା ସଂସ୍ଥା ପାଇଁ ଏକ ବଡ ଚାଲେଞ୍ଜ ସେଥିରେ ସନ୍ଦେହ ନାହିଁ। ନଭେମ୍ବର ୧୦ ତାରିଖରେ ଘଟଣା ଘଟିବା ପରଠାରୁ ବିଭିନ୍ନ ପ୍ରଦେଶର ପୋଲିସ ତଥା ଏନ୍‌ଆଇଏ ଅଦ୍ୟାବଧି ଦୁଇହଜାରରୁ ଅଧିକ ବ୍ୟକ୍ତିଙ୍କୁ ପଚରା ଉଚରା କରି ସାରିଲାଣି। ଯେଉଁ ଛଅ ଜଣ ପ୍ରତ୍ୟକ୍ଷ ଭାବେ ଅଭିଯୁକ୍ତ ସେମାନଙ୍କ ନାମ ଏଠାରେ ପୁନରାବୃତ୍ତି କରିବା ଅନାବଶ୍ୟକ ଏବଂ ବର୍ତ୍ତମାନ ସେମାନେ ନ୍ୟାୟିକ ହାଜତରେ ରହିଛନ୍ତି। ସବୁଠାରୁ ବଡକଥା ହେଲା ଏ ସମସ୍ତଙ୍କ ଚେର ଯେ କାଶ୍ମୀର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ତାହା ନୁହେଁ, ବରଂ ଏଥିରେ ହରିଆଣା ପ୍ରଦେଶର ଏକ ବିଶ୍ୱବିଦ୍ୟାଳୟ ଅଲ୍ ଫଲାହ୍ ଓ ତାକୁ ଚଳାଉଥିବା ମୁଖ୍ୟ ଚରିତ୍ର, ଚେୟାରମ୍ୟାନ ତଥା ଚାନ୍‌ସେଲର୍ ଜୱେଦ ଅହମ୍ମଦ ସିଦ୍ଦିକିର ମୂଖ୍ୟ ଭୂମିକା ରହିଛି। ୨୦୧୪ ମସିହାରେ ସ୍ଥାପିତ ହୋଇଥିବା ଏହି ବିଶ୍ୱବିଦ୍ୟାଳୟରେ ଇଂଜିନିୟରିଂ ଓ ଡାକ୍ତରୀ ପାଠ ପଢାଯାଉଥିବାର ନକଲି ପର୍ଦ୍ଦା ପଛରେ ଧର୍ମାନ୍ଧ ଚିନ୍ତାଧାରାକୁ ପ୍ରଚାର ଓ ପ୍ରଶ୍ରୟ ଦିଆଯାଉଥିଲା। ବିଭିନ୍ନ ସୂତ୍ରରୁ ମିଳୁଥିବା ଖବର ଅନୁସାରେ ବିଗତ ପାଞ୍ଚ ଛଅ ବର୍ଷ ମଧ୍ୟରେ ଏଠାକୁ ୪୫୦ କୋଟିରୁ ଅଧିକ ଟଙ୍କା ଦାନ ହିସାବରେ ଆସିଥିଲା। ରୋଚକ ତଥ୍ୟ ହେଲା ଯେ ଏହି ବିଶ୍ୱବିଦ୍ୟାଳୟର ୟୁଜିସି କିମ୍ବା ମେଡିକାଲ କାଉନସିଲ କିମ୍ବା ଅଲ୍ ଇଣ୍ଡିଆ କାଉନସିଲ ଅଫ୍ ଟେକ୍ନିକାଲ ଏଜୁକେସନ୍‌ର ମାନ୍ୟତା ନଥିଲେ ମଧ୍ୟ ଏଠାରେ ଛାତ୍ରଛାତ୍ରୀମାନେ ଇଞ୍ଜିନିୟରିଂ ଓ ମେଡିକାଲ ପଢୁଥିଲେ। ଏତେ ସବୁ କାର୍ଯ୍ୟକଳାପ ଚାଲିଥିବା ସତ୍ତ୍ୱେ ଗୋଇନ୍ଦା ସଂସ୍ଥା କିମ୍ବା ପୋଲିସ ପାଖରେ ଏହାର କୌଣସି ସୂଚନା ନଥିବା ଚିନ୍ତାଜନକ ନିଶ୍ଚୟ। ତଦନ୍ତ ଯେତେ ଯେତେ ଆଗକୁ ଯିବ ହୁଏତ ଆହୁରି ଅନେକ ଅନୈତିକ କାର୍ଯ୍ୟକଳାପ ଜଣାପଡ଼ିବ। ଆଉ ଏକ ମୁଖ୍ୟ ପ୍ରସଙ୍ଗ ହେଲା ଜବତ ହୋଇଥିବା ୩୦୦୦ କିଲୋଗ୍ରାମର ଅମୋନିୟମ ନାଇଟ୍ରେଟ୍ ଯାହାକି ଭବିଷ୍ୟତରେ ବିସ୍ଫୋରକ ଭାବେ ବ୍ୟବହାର ହୋଇଥାନ୍ତା। ଯଦିଓ ଆମୋନିୟମ ନାଇଟ୍ରେଟ୍ ଖୋଲା ବଜାରରେ ରାସାୟନିକ ସାର ଭାବେ କିଣିବାକୁ ମିଳେ, ଆଇନତଃ ଏହାର କିଣାବିକା ନିୟନ୍ତ୍ରିତ ଢଙ୍ଗରେ ହେବା କଥା। କିନ୍ତୁ ଏସବୁ ଉପରେ ନଜର ରଖିବା ଦାୟିତ୍ୱ କାହାର ? ଏ ପ୍ରଶ୍ନର ଉତ୍ତର ଖୋଜିବା ସହଜ ନୁହେଁ। ଅନେକ ନିରୀହ ନାଗରିକ ମୃତାହତ ହେବା ପରେ ଦେଶର ପୋଲିସ ତଥା ଗୋଇନ୍ଦା ସଂସ୍ଥା ଯେଉଁ ଦକ୍ଷତା ଓ କ୍ଷୀପ୍ରତାର ପରିଚୟ ଦେଇ ଅପରାଧୀମାନଙ୍କୁ କବଳିତ କରିପାରିଲେ ତା ଅବଶ୍ୟ ପ୍ରଶଂସନୀୟ, କିନ୍ତୁ ସାମଗ୍ରିକ ଭାବରେ ଦେଶ ଓ ମୃତକମାନଙ୍କ ପରିବାରବର୍ଗ ପାଇଁ ଏହି ସାନ୍ତ୍ୱନା ଯଥେଷ୍ଟ ନୁହେଁ। ଆତଙ୍କବାଦର କୌଣସି ଧର୍ମ ନଥାଏ। ପଡୋଶୀ ଦେଶ ପାକିସ୍ଥାନ ଏହାର ପ୍ରମୁଖ ପ୍ରଯୋଜକ ସେଥିରେ ସନ୍ଦେହ ନାହିଁ। ତେଣୁ ପ୍ରତ୍ୟକ୍ଷ ଭାବେ ସେଠାରୁ ଆସୁଥିବା ପ୍ରରୋଚନା ତଥା ଅର୍ଥ ଓ ଅସ୍ତ୍ରଶସ୍ତ୍ରର ନିରନ୍ତର ସ୍ରୋତ ଯେଉଁ ପର୍ଯ୍ୟନ୍ତ ପ୍ରବାହିତ ହେଉଛି ସେ ପର୍ଯ୍ୟନ୍ତ କଶ୍ମୀର ଭୂମିରୁ ଉଗ୍ରବାଦକୁ ମୂଳୋତ୍ପାଟନ କରିବା ନିତାନ୍ତ କଷ୍ଟସାଧ। ଅପରେସନ ସିନ୍ଦୂର ପରେ ପାକିସ୍ଥାନର ସାମରିକ ନେତୃତ୍ୱ ସେଥିରୁ କିଛି ଶିକ୍ଷା ଲାଭ କରିଥିବେ ବୋଲି ଭାବିବା ସ୍ୱାଭାବିକ, କିନ୍ତୁ ସେଠାର ସାଂପ୍ରତିକ ଏକଛତ୍ରବାଦୀ ସେନା ପ୍ରମୁଖ ଆସୀମ ମୁନିର ଯେ କେବଳ ଘୋର ଭାରତ ବିଦ୍ୱେଷୀ ତା' ନୁହେଁ ଏକାଧାରରେ ଧର୍ମାନ୍ଧ ତଥା କ୍ଷମତାଲିପ୍ସୁ। ପାକିସ୍ଥାନର ବର୍ତ୍ତମାନ ଅର୍ଥନୈତିକ ତଥା ସାମାଜିକ ପରିସ୍ଥିତି ଶୋଚନୀୟ ହେଲେ ମଧ୍ୟ ସେଠାର ସାମରିକ ନେତୃତ୍ୱ ନିଜର ଆସନ ସୁରକ୍ଷିତ ରଖିବା ନିମନ୍ତେ ଭାରତ ସହିତ ଶତ୍ରୁତା କରିବା ପାଇଁ ନିଜର ଆଭିମୁଖ୍ୟ ବଦଳାଇବେ ନାହିଁ। କେବଳ ଆତଙ୍କବାଦକୁ ନିର୍ମୂଳ କରିବା ପାଇଁ ପାକିସ୍ଥାନ ସହିତ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ କରିବା ଭାରତର ବିକାଶକୁ ବହୁ ପଛକୁ ଠେଲିନେଇଯିବ। ତେଣୁ ବିକଳ୍ପ ହେଲା ଆମେ ଆମର ଇଣ୍ଟେଲିଜେନ୍ସକୁ ଅଧିକ ଦୃଢ଼ କରିବା ଓ କ'ଣ କଲେ ସେଠାରେ ରାଡିକାଲାଇଜେସନକୁ ପ୍ରତିହତ କରିହେବ ତା' ଉପରେ ଅଧିକ ପ୍ରାଥମିକତା ଦେବା। କହିବା ସହଜ କିନ୍ତୁ କରିବା କଠିନ। ସେ ଯାହା ହେଉନା କାହିଁକି ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ ହୋଇପାରେ। ସୁଡ଼ଙ୍ଗ ଶେଷରେ ଆଲୋକ ଆସିବ ହିଁ ଆସିବ।

(ମତାମତ ଲେଖକଙ୍କ ନିଜସ୍ୱ)

*ଅବସରପ୍ରାପ୍ତ ଗ୍ରୁପ୍ କ୍ୟାପ୍‌ଟେନ୍*
*ମୋବାଇଲ : ୯୮୧୦୫୪୫୦୦୨*

## ବଢୁଛି ନକଲି ଔଷଧ କାରବାର

**ପୁରୀ (ଭିଓଭି) :** ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ନିରବତା ପାଇଁ ବଜାରରେ ନକଲି ଓ ନିମ୍ନ ମାନର ଔଷଧ ବିକ୍ରି କରି ଔଷଧ ବ୍ୟବସାୟୀ ମାଲେମାଲ୍ ହେଉଛନ୍ତି । ତଦାରଖ କି ଚଢ଼ାଉ ହେଉନି। ଛକ ବଜାରରେ ମାଳ ମାଳ ଔଷଧ ଦୋକାନ। ନିୟମ କାନୁନ୍‌କୁ ଅଣଦେଖା କରି ଔଷଧ ଦୋକାନୀ ରୋଗୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଗୁରୁବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧୀନ ପୋଟଳ ଛକ ନିକଟରେ ସ୍ଥାନୀୟ ଅଞ୍ଚଳବାସୀ, ଔଷଧ ସେଲ୍ସ ଅଧିକାରୀ ଓ ଔଷଧ ଦୋକାନୀଙ୍କ ମଧ୍ୟରେ କିଛି ସମୟ ଆରୋପ ପ୍ରତ୍ୟାଆରୋପ ହେବା ପରେ ପୋଲିସ ପହଂଚି ସେଲ୍ସ ଏକ୍‌ଜିକ୍ୟୁଟିଭଙ୍କୁ ଥାନାକୁ ନେଇଥିଲା। ନକଲି ଔଷଧର କାରବାର ଏବେ ସୀମା ଟପିଛି। ଏହି ଔଷଧ ସେବନ କରି ଲୋକେ ଆରୋଗ୍ୟ ହେବେ କ'ଣ, କିଛିଦିନ ପରେ ସେମାନଙ୍କ ରୋଗ ଆୟତ ବାହାରକୁ ଯାଉଛି। କେତେକ କ୍ଷେତ୍ରରେ ଜୀବନ ବି ଚାଲି ଯାଉଛି। ମଧୁମେହ, ଉଚ୍ଚ ରକ୍ତ ଚାପ, କିଡନୀ, ହୃଦ ରୋଗ ଭଳି ମାରାତ୍ମକ ରୋଗର ଦାମୀ ଔଷଧ ଏଠାରେ ନକଲି ଭାବେ ମିଳୁଛି। ଅସଲି ମୂଲ୍ୟ ଦେଇ ରୋଗୀ ନକଲି ନିମ୍ନ ମାନର ଔଷଧ ଖାଇ ଚାଲିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଥିବା ବିଭିନ୍ନ ପଂଚାୟତ ହେଉ ଅବା ବଜାରରେ ଔଷଧ ଦୋକାନ ମଧ୍ୟରୁ ୪୫ରୁ ଅଧିକ ଔଷଧ ଦୋକାନରେ ଏଭଳି ଔଷଧ କାରବାର ହେଉଥିବା ଅଭିଯୋଗ ହେଉଛି। ଔଷଧ ଦୋକାନରେ ଇଞ୍ଜେକ୍ସନ ଦେବା ବା ସାଲାଇନ ଲଗେଇବା ପାଇଁ ଅନୁମତି ନଥିବା ବେଳେ ବହୁ ଦୋକାନ ଯେମିତି ଅସ୍ତରଙ୍ଗ, ନଗର, ଆଳସାହି, ଖଣ୍ଡାସାହି, ତାଳଦା, ପୋଟଳ ଛକ, କଣମଣ ଛକ, ସରିପୁର ଛକ ସମେତ ଅନେକ ସ୍ଥାନରେ ମାଳ ମାଳ ବିନା ପଞ୍ଜିକୃତ ହୋଇନଥିବା ବେଳେ କେତେଙ୍କର ଫାର୍ମାସିଷ୍ଟ ଲାଇସେନ୍ସ ଓ ଆନୁସଙ୍ଗିକ କାଗଜପତ୍ର ନଥିବା ବିଶେଷ ସୂତ୍ରରୁ ଜଣା ପଡିଛି। ହେଲେ ଅଭିଜ୍ଞ ଡକ୍ଟର ଏବଂ ଫାର୍ମାସିଷ୍ଟଙ୍କ ବିନା ପରାମର୍ଶରେ ଏହି ସେବା ଦିଆଯାଉଥିବାରୁ ବାରମ୍ବାର ଅଘଟଣ ଘଟିବାର ଚିତ୍ର ନଜିର ରହିଛି। ନିୟମିତ ଭାବେ ଜିଲ୍ଲାରେ ଥିବା ଔଷଧ ଦୋକାନର ଯାଞ୍ଚ ହେବା କଥା। କିନ୍ତୁ ଭେଷଜ ନିୟନ୍ତ୍ରକ ବିଭାଗ ସଠିକ ଭାବେ ନିଜର କାର୍ଯ୍ୟ ତୁଲାଉ ନଥିବା ଅଭିଯୋଗ ହେଉଛି। ଔଷଧ ହୋଲସେଲରମାନେ ଯେଉଁ ମାନଙ୍କର ଲାଇସେନ୍ସ ଅଛି ସେମାନଙ୍କୁ ଔଷଧ ବିକ୍ରି କରିବା କଥା। କିନ୍ତୁ ସେମାନେ ଏ ସବୁ ନିୟମ ପାଳନ କରୁଛନ୍ତି କି ନାହିଁ ତାର ତଦନ୍ତ ହେବାର ଆବଶ୍ୟକତା ରହିଛି।










Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process, D-3, Mancheswar Industrial Estate, Bhubaneswar, Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର